ଧରିତ୍ରୀ
DHARITRI
April 28 -May 4, 2019 ₹ 2/-

# ଛୁଟିଦିନ




## ଶ୍ରମ ଦେଇଛି ସଫଳତା

୪ ପ୍ରଚ୍ଛଦ ପ୍ରସଙ୍ଗ

ପରିସ୍ଥିତି କାହାକୁ ଧନୀ ଓ ଗରିବ କରି ଗଢ଼ିଥାଏ। କିନ୍ତୁ ଯିଏ ଏହି ପରିସ୍ଥିତିକୁ ଦୃଢ଼ତାର ସହ ସାମ୍ନା କରି ଆଗକୁ ବଢ଼ିବାକୁ ଚେଷ୍ଟା କରେ ଶେଷରେ ସଫଳତା ତା'ର ପାଦ ଛୁଏଁ। ସେମିତି କେତେଜଣ ଉଦାହରଣ ସୃଷ୍ଟିକାରୀ ବ୍ୟକ୍ତିତ୍ୱ, ଯେଉଁମାନେ କି କଠିନ ପରିଶ୍ରମ ବଳରେ ସାଧାରଣ ଦିନମଜୁରିଆରୁ ଜଣେ ଜଣେ ସଫଳ ମଣିଷ ହେବାର ସୌଭାଗ୍ୟ ଲାଭ କରିଛନ୍ତି...



୧୩ ସହରଠୁ ଦୂର







ସିନେମା
୮/୯

# ଏକଲାପଣ ଦୂର କରିବା ପାଇଁ



ଜୀବନରେ କିଛି ମୁହୂର୍ତ୍ତ ଏଭଳି ମଧ୍ୟ ଆସେ ଯେବେ ମଣିଷ ସମ୍ପୂର୍ଣ୍ଣ ଏକା ହୋଇଯାଏ। ଏହି ସମୟରେ ପ୍ରତ୍ୟେକେ ଚାହାନ୍ତି ନିଜ ଏକଲାପଣକୁ ଦୂରେଇବା ଲାଗି କିନ୍ତୁ ଉଚିତ ରାସ୍ତା ନ ମିଳିବା ହେତୁ ଅନେକେ ଡିପ୍ରେସନ୍ ଭଳି ମାନସିକ ରୋଗର ଶିକାର ହୁଅନ୍ତି। ତେବେ କିଭଳି ଭାବେ ଆପଣ ଏହି ଏକଲାପଣକୁ ଦୂରେଇ ପାରିବେ ସେ ସମ୍ପର୍କରେ....

* ସର୍ବପ୍ରଥମେ ନିଜ ଏକଲାପଣର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ସେହି ହିସାବରେ ଏହାକୁ ଦୂରେଇବା ଲାଗି ଚେଷ୍ଟା କରନ୍ତୁ।

* ନିଜ ସହ ସମୟ ବିତାନ୍ତୁ। ନିଜକୁ ଭଲ ଲାଗୁଥିବା କାର୍ଯ୍ୟ ଯଥା ବୁଲିବା, ବହି ପଢିବା, ଶପିଙ୍ଗ କରିବା, ଗୀତ ଶୁଣିବା ଆଦି କାର୍ଯ୍ୟ କରିପାରିବେ।

*ଏହି ସମୟରେ କିଛି ନୂଆ ଶିଖିବାକୁ ଚେଷ୍ଟା କରନ୍ତୁ। ନାଚ, ଗୀତ, ବାଦ୍ୟଯନ୍ତ୍ର, ନୂଆ ଭାଷା, ଡ୍ରାଇଭିଙ୍ଗ ଆଦି ଶିକ୍ଷାଲାଭ କରିପାରିବେ, ଯାହାଦ୍ୱାରା ଆପଣଙ୍କ ମନ ଅନ୍ୟ ଆଡେ ନିୟୋଜିତ ହୋଇ ଏକଲାପଣ ଦୂରେଇ ଯିବ।

* ନୂଆ ଲୋକଙ୍କ ସହ ମିଶନ୍ତୁ ଏବଂ ନୂଆ ବନ୍ଧୁତା ସ୍ଥାପନ କରନ୍ତୁ।

* ନିଜକୁ ଅଭିବ୍ୟକ୍ତ କରିବା ପାଇଁ ଚେଷ୍ଟା କରନ୍ତୁ । ଏଥିଲାଗି ଡାଏରୀ ଲେଖିବା, ବ୍ଲଗ୍ ଲେଖିବା ଆଦି କାର୍ଯ୍ୟ କରିପାରିବେ।

* ସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିବା କୌଣସି ସଂସ୍ଥା ସହ ଜଡିତ ହୋଇ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିବେ।

* ଏହି ସମୟରେ କୌଣସି ଗୃହପାଳିତ ଜୀବକୁ ଘରକୁ ଆଣି ତା' ସହ ସମୟ ବିତାଇଲେ ଏକଲାପଣରୁ ମୁକ୍ତି ମିଳିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୨୮ - ମେ ୪

**ମେଷ**: ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବଢିବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ। ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ଉପାର୍ଜନ, ଭ୍ରମଣ ଓ କାର୍ଯ୍ୟସିଦ୍ଧି।

**ବୃଷ**: ପାରିବାରିକ ସମସ୍ୟା, ପ୍ରତିବନ୍ଧକ ଲାଗି ରହିବ। ପଦୋନ୍ନତି, ଧାରକରଜ କରିପାରନ୍ତି। ବ୍ୟବସାୟରେ ଉନ୍ନତି। ବିବାଦୀୟ ପରିସ୍ଥିତିର ମୁକାବିଲା କରିବେ। ଦୂରଯାତ୍ରା, ବିଭିନ୍ନ ଦିଗରୁ ଲାଭବାନ ହେବେ।

**ମିଥୁନ**: ପାରିବାରିକ ଅଶାନ୍ତି, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣଜନିତ କ୍ଲାନ୍ତି, ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ। ଅତିଥି ସେବାର ସୁଯୋଗ, ପ୍ରଣୟ କ୍ଷେତ୍ରରେ ସଙ୍କଟ। ବାଦବିବାଦ କ୍ରମେ ଜଟିଳ ହେବ।

**କର୍କଟ**: ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଭ୍ରମଣକାଳରେ କ୍ଲେଶ ଅନୁଭବ କରିବେ। ବ୍ୟବସାୟରେ ସଫଳ ହୋଇପାରନ୍ତି। ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ, ମାଲିମକଦ୍ଦମାରେ ସୁବିଚାର ଆଶା ।

**ସିଂହ**: କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ମନୋରଞ୍ଜନରେ ଆଗ୍ରହ, ସକାଳ ସମୟରେ ଶୁଭଫଳ। ଶିଳ୍ପ, ବାଣିଜ୍ୟରେ ଉନ୍ନତି। ପିଲାମାନଙ୍କ ଉଚ୍ଚଶିକ୍ଷା ବ୍ୟୟବହୁଳ ହେବ, ନୂତନ ନିଯୁକ୍ତିର ସୁଯୋଗ।

**କନ୍ୟା**: ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ହେବ। ଯୋଗାଣ କାରବାରରେ ଉନ୍ନତି। ମକଦ୍ଦମାରୁ ଚିନ୍ତାକୁଳ ହେବେ। ଦ୍ୱନ୍ଦ୍ୱର ଅବସାନ, ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ପ୍ରଶଂସିତ ହେବେ।

**ତୁଳା**: ବନ୍ଧୁ ମିଳନ, ଭ୍ରମଣର ସୁଯୋଗ। କାମ ହଠାତ୍ ହୋଇଯିବ, ବେପାରରେ ବିପଦ ଆଶଙ୍କା ଅଛି। ଧାର ସୂତ୍ରରେ ଅର୍ଥ ପାଇବେ। ଯାନବାହନରେ ସତର୍କତା ବିଧେୟ। ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିବେ।

**ବିଛା**: ଯାନ ବାହନ କ୍ରୟ, ନିଜ ପରିସରରେ ପ୍ରତିଷ୍ଠିତ ହେବେ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନିଃସଙ୍ଗତା ବୋଧ କରିପାରନ୍ତି। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ। ସକାଳ ସମୟରେ ଶୁଭଫଳ ପାଇପାରନ୍ତି।

**ଧନୁ**: କର୍ମକ୍ଷେତ୍ରରେ ସମାଲୋଚିତ ହେବେ। ବନ୍ଧୁଙ୍କୁ ଭେଟିପାରନ୍ତି। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବେ। ସମସ୍ୟାର ସମାଧାନ ହେବ। ମାନସିକ ସୁସ୍ଥତା ବ୍ୟାହତ ହେବ। ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି।

**ମକର**: ସମସ୍ୟାର ସମାଧାନ। ଯାତ୍ରାରୁ ସୁଫଳ ପାଇବେ। ସମ୍ପର୍କ ବୃଦ୍ଧି ପାଇବ। ଶୁଭଖବର ପାଇ ଖୁସି ହେବେ। ବୃତ୍ତିଗତ ଧନ୍ଦା ମାନ୍ଦା ହେବ ନାହିଁ। ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବ।

**କୁମ୍ଭ**: ମିତ୍ର ବନ୍ଧୁ ଜୁଟିବେ। ଉତ୍ସାହର ସହ କାମ କରିବେ। ତର୍କ ଓ ବିବାଦ ବଢ଼ିପାରେ। ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଧର୍ମକାର୍ଯ୍ୟରେ ନିୟୋଜିତ ହେବେ। ପୁରାତନ ଶତ୍ରୁ ବିବାଦ କରିପାରନ୍ତି।

**ମୀନ**: ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ ହେବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। ପ୍ରଶଂସିତ ହେବେ। ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ, ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ପ୍ରଶଂସାର ପାତ୍ର ହେବେ।

# ବ୍ଲାଙ୍କେଟ ସହ ବିବାହ

କୁହନ୍ତି, ଯୋଡି ଉପରବାଲା ବନେଇଥାନ୍ତି। କିନ୍ତୁ ନିକଟରେ ଘଟିଥିବା ଏକ ଘଟଣା ଏହି ଲୋକକଥା ଉପରୁ ସମ୍ପୂର୍ଣ୍ଣ ବିଶ୍ୱାସ ଉଠେଇଦେଇଛି। ଇଂଲଣ୍ଡର ଡେବୋନ ସହରରେ ବାସ କରୁଥିବା ପାସକଲ ସୋଲିକ ନାମକ ଜଣେ ମହିଳା କୌଣସି ପୁରୁଷଙ୍କୁ ନୁହେଁ ବରଂ ବିବାହ କରିଛନ୍ତି ଘୋଡେଇ ହୋଇ ଶୋଉଥିବା ନିଜ ବ୍ଲାଙ୍କେଟକୁ । 'ଡୁଭେଟ' ନାମକ ଏହି ମୋଟା ନରମଯୁକ୍ତ ରେଜେଇକୁ ୪୯ ବର୍ଷ ବୟସ୍କା ପାସକଲ ଖୁବ୍ ଭଲ ପାଆନ୍ତି। ଯୁଆଡେ ବି ଯା'ନ୍ତି ସେ ଏହି ରେଜେଇକୁ ସବୁବେଳେ ସାଥିରେ ନେଇ ବୁଲନ୍ତି। ତେବେ ନିକଟରେ ପାସକଲ ବହୁ ଆଡମ୍ବର ସହିତ ଏହି ରେଜେଇ ସହ ବିବାହ କରିଛନ୍ତି। କେବଳ ସେତିକି ନୁହେଁ ଏହି ବିବାହ ସକାଶେ ସେ ନିମନ୍ତ୍ରଣ ପତ୍ର ବାଣ୍ଟି ନିଜ ବନ୍ଧୁ ପରିଜନଙ୍କୁ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରିତ ଅତିଥିମାନେ ଏକ ସ୍ୱତନ୍ତ୍ର ଡ୍ରେସ୍‌କୋଡ୍ ପରିଧାନ କରି ଏହି ନିଆରା ବିବାହରେ ଯୋଗଦେଇଥିଲେ। ନାଚ, ଗୀତ ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟର ମଧ୍ୟ ଆୟୋଜନ ହୋଇଥିଲା। ତେବେ ଏହି ବିବାହ ସମ୍ପର୍କରେ ପାସକଲ କୁହନ୍ତି, ସେ କେବେ ବି ନିଜ ବ୍ଲାଙ୍କେଟଠାରୁ ଦୂରରେ ରହିବାକୁ ଚାହୁଁନ ଥିଲେ ତେଣୁ ସେ ନିଷ୍ପତ୍ତି ନେଲେ 'ଡୁଭେଟ' ସହ ବିବାହ କରି ତାକୁ ସବୁଦିନ ପାଇଁ ନିଜ ପାଖରେ ରଖିବା ପାଇଁ।



# ପାଠକୀୟ

❖ଓଡ଼ିଶାର ସୀମା ଆରପଟେ ତାଙ୍କ ଘର। ହେଲେ ମନ କିନ୍ତୁ ଓଡ଼ିଶାରେ। କଥାବାର୍ତ୍ତା, ଚାଲିଚଳଣ, ପାଠପଢ଼ା, ପର୍ବପର୍ବାଣି ସବୁଥିରେ ସେମାନେ ଓଡ଼ିଆ। ଓଡ଼ିଆ ଭାଷାର ଉନ୍ନତି ପାଇଁ ବି ଅନ୍ୟ ରାଜ୍ୟରେ କାମ କରନ୍ତି। ହେଲେ ଭାଇଚାରା ନେଇ ରୁହନ୍ତି ଅନ୍ୟ ରାଜ୍ୟରେ। ଏମିତି ଓଡ଼ିଆ ମନ ନେଇ ସୀମା ଆରପଟେ ରହୁଥିବା କେତେକ ଓଡ଼ିଆଙ୍କ କଥାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସୀମା ସେପାରିର ଓଡ଼ିଆ' ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା। 'ସର୍ବ ବୃହତ୍ ଲୁଣ ଗୁମ୍ଫା', 'ନୂଆ କରି ଅଫିସ୍ ଜଏନ୍ କରୁଥିଲେ' ଆଦି ପାଠ ଦୁଇଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ରାକେଶ ପ୍ରଧାନ, ସମ୍ବଲପୁର*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ସୀମା ସେପାରିର ଓଡ଼ିଆ' ପାଠଟି ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। 'ଚିଲିକା ପଣାଯାତ୍ରା: ହାଜତରେ ରୁହନ୍ତି ଅପରାଧୀ ନୁହନ୍ତି' ପାଠଟି ଏକ ନିଆରା ବିଷୟ ଥିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଭାରତୀୟ ନାଟ୍ୟ ଜଗତର ସ୍ମରଣୀୟ ବ୍ୟକ୍ତିତ୍ୱ ହବିବ୍ ତନ୍‌ବିରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ ସୃଜନ ପୃଷ୍ଠାରେ ସ୍ଥାନିତ 'କୌନ୍ ବନେଗା ଅସଲି ଇନ୍‌ସାନ' ନାମକ ଗପଟି ମୋ ମନ କିଣିନେଲା।

*–ରାକେଶ ବରାଳ, ଭଞ୍ଜନଗର, ଗଞ୍ଜାମ*

❖ସିନେମା ପୃଷ୍ଠାରେ ସ୍ଥାନିତ 'ସୁରିୟା ଯାହା ଚାହୁଁଥିଲେ', 'ବାଜି ମାରିଲେ ଆଲିୟା' ଏବଂ 'ଅମାୟରାଙ୍କ ବାଇକ୍ ଚଢ଼ା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ଭଲ ଥିଲା। ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ କ୍ଷୁଦ୍ର ଚଳଚ୍ଚିତ୍ର ତଥା ମ୍ୟୁଜିକ୍ ଭିଡିଓ ନିର୍ଦ୍ଦେଶକ ନିବେଦନ ସେଠୀଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ଲାଗୁଥିଲା। 'ସାକ୍ଷୀଗୋପାଳର ପ୍ରସିଦ୍ଧ ଖାଇଫୋଡ଼ ଯାତ୍ରା' ଏକ ନିଆରା ଆଲେଖ୍ୟ ଥିଲା ।

*–ଦେବରାଜ ସେଠୀ, ବୀର ହରେକୃଷ୍ଣପୁର, ପୁରୀ*

❖ମଡେଲ୍ ମିରର୍‌ରେ କ୍ରିଷ୍ଣା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'ଆଖଣ୍ଡଳମଣିଙ୍କ ପୀଠ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। 'ଶରୀର ସାରା ହୁଲା ହୁପ୍ ଘୂରାଇ ରେକର୍ଡ' ପାଠଟି ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା।

*–ହରପ୍ରିୟା ଷଡ଼ଙ୍ଗୀ, ଯାଜପୁର*

❖ଯାତ୍ରା ପୃଷ୍ଠାରୁ 'ଡ୍ୟାମ୍ବର ସାଗର' ଓ ନାଟ୍ୟ ଲେଖିକା ହରପ୍ରିୟା ଓଝାଙ୍କ ଯାତ୍ରା ଇନିଂସ ସମ୍ପର୍କରେ ଅନେକ କିଛି ଜାଣିହେଲା। 'ଉଲ୍‌ର ସି' ଫୁଡ୍', 'ଅଣ୍ଡା ପରି କୁକୁର' ଆଦି ପାଠ ଦୁଇଟି ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ଲୋକନାଥ ମିଶ୍ର, ଭଦ୍ରକ*

## ବିଶେଷ ଚିଠି



ଛୁଟିଦିନ ଆମ ଛୁଟିଦିନ
ଆମ ପାଇଁ ସିଏ ସରସ ସୁନ୍ଦର
ଆଉ ଯେତେ ସବୁ ରୁଚିହୀନ।
ପ୍ରଚ୍ଛଦ ପ୍ରସଙ୍ଗ କରେ ବାୟା
ସିନେମା, ଗଳ୍ପ, ମଞ୍ଚମାୟା
କାର୍ଟୁନ, ହସ, ରାଶିଫଳ
ପଢ଼ିକି ସବୁରି ମନ ଜିଣେ
ଛୁଟିଦିନ ଆମ ଛୁଟିଦିନ।
ପଢ଼ିଲେ ନ ହୁଏ କିଏ ପ୍ରୀତ
ଚଲାପଥ ତା'ର କୁସୁମିତ
ଜ୍ଞାନୀ ଗୁଣୀ ଯେବେ ହେବା ପାଇଁ ଇଚ୍ଛା
ରବିବାର ଛୁଟିଦିନ କିଣ
ଛୁଟିଦିନ ଆମ ଛୁଟିଦିନ।

*–ଶ୍ରୀ ନିର୍ଭୟ କୁମାର ପାଣି, ବିଜିଗୋଳ, କଣିହାଁ, ଅନୁଗୋଳ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ହଲ୍ଟର୍ ଡ୍ରେସ୍

**ହଲ୍ଟର ଡ୍ରେସ୍ ସାଧାରଣତଃ ସ୍ଲିଭଲେସ୍ ଓ ହାଇନେକ୍ ବାଲା ହୋଇଥାଏ। ଏଥିରେ ଷ୍ଟ୍ରାପ୍ ବା ବ୍ୟାଣ୍ଡ ଥାଏ, ଯାହା ବେକର ଚାରିପଟେ ଗୁଡେଇ ହୋଇ ଏବଂ ପଛପଟ ବେକରେ ବାନ୍ଧି ହୋଇ ରହେ। ଏହି ନେକ୍ ଷ୍ଟାଇଲ ଥିବା ବିଭିନ୍ନ ପ୍ରକାରର ଡ୍ରେସ୍ ଏବେ ଉପଲବ୍ଧ ହେଉଛି। ଏସବୁ ଯେମିତି ଷ୍ଟାଇଲିସ୍ ସେମିତି ଆରାମଦାୟକ ବି। ଜାଣନ୍ତୁ ଏ ସମ୍ପର୍କରେ..**



**ଶିଫନ୍ ପ୍ଲିଟେଡ୍ ହଲ୍ଟର ନେକ୍ ଟପ୍–** ଶିଫନ ପ୍ଲିଟେଡ୍ ହଲ୍ଟର ନେକ୍ ଟପ୍ ପିନ୍ଧିବାକୁ ବେଶ୍ ଆରାମଦାୟକ। ତେଣୁ ଖରାଦିନ ପାଇଁ ଏହା ବେଷ୍ଟ ଅପ୍ସନ। ଫର୍ମାଲ୍ ଲୁକ୍ ପାଇଁ ଏହି ଟପ୍ ସହ ଫର୍ମାଲ୍ ପ୍ୟାଣ୍ଟ ଓ ଏକ ସେମିକାଜୁଆଲ୍ ବ୍ଲେଜର୍ ବ୍ୟବହାର କରିପାରିବେ। କାଜୁଆଲ୍ ଆଉଟ୍‌ଫିଟ୍ ପାଇଁ ଏହା ସହ ଶର୍ଟସ୍ କିମ୍ବା ବୟଫ୍ରେଣ୍ଡ ଜିନ୍ସ ପେୟାର କରିପାରିବେ।

**ଶର୍ଟ ହଲ୍ଟର ଡ୍ରେସ୍–** ସମର୍ ପାଇଁ ଶର୍ଟ ଡ୍ରେସ୍ ଅନେକଙ୍କର ପସନ୍ଦ । ତେବେ ହଲ୍ଟର ନେକ୍ ଥିବା ଶର୍ଟ ଡ୍ରେସ୍ ଲୁକ୍‌କୁ ଆକର୍ଷଣୀୟ କରିଥାଏ। ଚେକ୍ ପ୍ରିଣ୍ଟ ଥିବା ହଲ୍ଟର ନେକ୍ ଶର୍ଟ ଡ୍ରେସ୍ କାଜୁଆଲ୍ ସହ ଫେମିନାଇନ୍ ଲୁକ୍ ଦେଇଥାଏ। ଏହି ଡ୍ରେସ୍ ସହିତ ସ୍ନିକର୍ସ ପେୟାର୍ କରିପାରିବେ।

**ଶିଫନ୍ ହଲ୍ଟର୍ ଜମ୍ପଶୁଟ୍–** ଲାଲ ରଙ୍ଗର ଷ୍ଟାଇଲିଶ୍ ହଲ୍ଟର୍ ନେକ୍ ଜମ୍ପଶୁଟ୍ ପାର୍ଟି ପାଇଁ ବେଷ୍ଟ। ଏହାକୁ କ୍ୟାରି କରିବା ବି ସହଜ। ଏହାସହ ୱେଜେସ୍, ପମ୍ପସ୍ ଓ ସ୍ୟାଣ୍ଡେଲ ଭଳି ଫୁଟ୍‌ୱେର ବହୁତ ଭଲ ଲାଗିଥାଏ। ତେବେ ଏହାସହିତ ମେକ୍‌ଅପ୍ ଓ ଆସେସରିଜ୍ ମିନିମାଲ୍ ହେବା ଜରୁରୀ।

**ହଲ୍ଟର ନେକ୍ ଲେସ୍ ଡ୍ରେସ୍–** ଏହି ଡ୍ରେସ୍ ଆପଣଙ୍କୁ ଏକ ଡ୍ରିମି ଲୁକ୍ ଦେବ। ଏହା ବେଶ୍ କମ୍ଫର୍ଟେବ୍‌ଲ ବି। ମେସି ଲୋ' ବନ୍ ସାଙ୍ଗକୁ ରୋଜ୍ ଗୋଲ୍ଡ ଇୟରରିଂ, କ୍ଲଚ୍ ଓ ନାଚୁରାଲ୍ ମେକ୍‌ଅପ୍ ଏହି ଡ୍ରେସ୍ ସହିତ ଭଲ ଲାଗିଥାଏ।

**ହଲ୍ଟର ନେକ୍ ମ୍ୟାକ୍ସି ଡ୍ରେସ୍–** ଖରାଦିନେ ବିଚ୍ ହଲିଡେ'ରେ ଯାଉଥିଲେ ଫ୍ଲୋରାଲ୍ ହଲ୍ଟର୍ ନେକ୍‌ର ମ୍ୟାକ୍ସି ଡ୍ରେସ୍ ନେବାକୁ ଜମାରୁ ଭୁଲିବେନି। ଏହା ଯେମିତି କମ୍ଫର୍ଟେବ୍‌ଲ, ସେମିତି ଷ୍ଟାଇଲିସ୍ ବି। ଏହାର ଅଣ୍ଟାଠାରୁ ତଳ ପର୍ଯ୍ୟନ୍ତ ଘେରଯୁକ୍ତ। ତେଣୁ ଡ୍ରେସ୍‌ଟି ବେଶ୍ ଆକର୍ଷକ ଲାଗେ।

**ହଲ୍ଟର ନେକ୍ କ୍ରପ୍ ଟପ୍–** ଜିନ୍ସ ସହ ଏହି ଟପ୍ ଏବେ ଏକ ନୂଆ ଟ୍ରେଣ୍ଡ ପାଲଟିଗଲାଣି। ତେଣୁ ଏହାକୁ ବି ଆପଣ ୱାର୍ଡରୋବ୍‌ରେ ସାମିଲ କରିନିଅନ୍ତୁ।











# ଶ୍ରମ ଦେଇଛି ସଫଳତା

ପରିସ୍ଥିତି କାହାକୁ ଧନୀ ଓ ଗରିବ କରି ଗଢ଼ିଥାଏ। କିନ୍ତୁ ଯିଏ ଏହି ପରିସ୍ଥିତିକୁ ଦୃଢ଼ତାର ସହ ସାମ୍ନା କରି ଆଗକୁ ବଢ଼ିବାକୁ ଚେଷ୍ଟା କରେ ଶେଷରେ ସଫଳତା ତା'ର ପାଦ ଛୁଏଁ। ହୁଏତ ଏଥିପାଇଁ ସେମାନଙ୍କୁ ବହୁ ଦୁଃଖଯନ୍ତ୍ରଣା ସହିବାକୁ ପଡ଼ିପାରେ, ପେଟ ପାଇଁ ଦାନ ଯୋଗାଡ଼ କରିବାକୁ ଦିନ ମଜୁରିଆ ଭାବେ ହାଡଭଙ୍ଗା କଷ୍ଟ କରିବାକୁ ପଡିପାରେ। ତଥାପି ସେହି କଷ୍ଟ ଓ ଯନ୍ତ୍ରଣା ଭିତରେ କେହି ଜଣେ ତାଙ୍କ ଅନ୍ତରାତ୍ମାରୁ କହୁଥାଏ, ଆଉ ପାଦେ ଆଗକୁ, ଆଉ ପାଦେ ଆଗକୁ। ସିଏ କିଏ ଜାଣନ୍ତି! ସିଏ ହେଉଛି ସେମାନଙ୍କର ଆତ୍ମବିଶ୍ୱାସ। ଯେଉଁମାନଙ୍କର ଆତ୍ମବିଶ୍ୱାସ ଯେତେ ଦୃଢ଼, ସେମାନଙ୍କର ପ୍ରଗତି ହୋଇଥାଏ ସେତେ ଊର୍ଦ୍ଧ୍ୱଗାମୀ। ଏଠାରେ ସେମିତି କେତେଜଣ ଉଦାହରଣ ସୃଷ୍ଟିକାରୀ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି, ଯେଉଁମାନେ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ବଳରେ ସାଧାରଣ ଦିନମଜୁରିଆରୁ ଜଣେ ଜଣେ ସଫଳ ମଣିଷ ହେବାର ସୌଭାଗ୍ୟ ଲାଭ କରିଛନ୍ତି...

## ସଫଳତାର ଶୀର୍ଷରେ ଜ୍ୟୋତି ରେଡ୍ଡୀ

ଜୀବନରେ କିଛି କରି ଦେଖାଇବା ପାଇଁ ଆଗ୍ରହ ଓ ଆତ୍ମବିଶ୍ୱାସ ଥିଲେ ଅସମ୍ଭବ ବି ସମ୍ଭବ ହୋଇଯାଏ। ସେମିତି ଏକ ସଫଳତାର କାହାଣୀ ହେଉଛି ଜ୍ୟୋତି ରେଡ୍ଡୀଙ୍କର। ତେଲେଙ୍ଗାନାର ୱାରାଙ୍ଗଲ୍ ସହର ଅନ୍ତର୍ଗତ ଏକ ଗରିବ ପରିବାରରେ ଜନ୍ମ ହୋଇଥିଲେ ସେ। ସେମାନେ ଥିଲେ ୫ ଭାଇଭଉଣୀ(୨ଝିଅ ଓ ୩ ପୁଅ)। ପରିବାରର ଦୁର୍ବଳ ଆର୍ଥିକାବସ୍ଥା ଯୋଗୁ ପିଲାମାନଙ୍କୁ ଭଲ ଖାଇବାକୁ ଦେଇ, ପାଠପଢାଇ ମଣିଷ କରିବା ଜ୍ୟୋତିଙ୍କ ମା'ବାପାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ସେମାନେ ତାଙ୍କର ଦୁଇ ଝିଅ(ଜ୍ୟୋତି ଓ ତାଙ୍କ ସାନ ଭଉଣୀ)ଙ୍କୁ ଅନାଥ ବୋଲି ପରିଚୟ ଦେଇ ସ୍ଥାନୀୟ ଏକ ଅନାଥାଶ୍ରମରେ ଛାଡି ଦେଇଥିଲେ। କିନ୍ତୁ ଜ୍ୟୋତିଙ୍କ ସାନ ଭଉଣୀ ସେଠାରେ ବେଶିଦିନ ରହି ନ ପାରି ଘରକୁ ଲୁଚି ପଳେଇ ଆସିଥିଲେ। ହେଲେ ଜ୍ୟୋତି ମା'ବାପାଙ୍କ ପରିସ୍ଥିତି କଥା ଚିନ୍ତା କରି ନିଜ ଦୁଃଖକୁ ନିଜ ଭିତରେ ଚାପି ଅନାଥାଶ୍ରମରେ ରହିବାକୁ ଲାଗିଲେ। ସେଠାରେ ରହି ସେ ଦଶମ ପାସ୍ କଲେ। ତା'ପରେ ତାଙ୍କର ବାହାଘର ହୋଇଗଲା। ଦୁଇବର୍ଷ ଭିତରେ ସେ ଦୁଇଟି ଝିଅର ମା' ମଧ୍ୟ ହୋଇଗଲେ। ସ୍ୱାମୀଙ୍କର ଭଲ ରୋଜଗାର ନ ଥିବାରୁ ଦୁଇପିଲାଙ୍କୁ ମଣିଷ କରିବା ପାଇଁ ଜ୍ୟୋତି ନିଜେ ଅଣ୍ଟା ଭିଡିଲେ। ଅର୍ଥାଭାବ ଯୋଗୁ ପିଲାଦିନୁ ସେ ଯେମିତି କଷ୍ଟ ପାଇଥିଲେ ସେହି କଷ୍ଟ ନିଜ ପିଲାଙ୍କୁ ଦେବାକୁ ଚାହୁଁ ନ ଥିଲେ। ସେଥିପାଇଁ ମାତ୍ର ୫ ଟଙ୍କା ମଜୁରିରେ ଜ୍ୟୋତି ଖେତରେ କାମ କରିବାକୁ ଲାଗିଲେ। କିଛିଦିନ ପରେ ସେ ଏକ ସ୍କୁଲ୍‌ରେ ପାର୍ଟ ଟାଇମ୍ ଶିକ୍ଷୟିତ୍ରୀ ଭାବେ କାମ କରିବା ସହ ରାତିରେ ପେଟିକୋଟ ସିଲେଇ କରିବାକୁ ବି ଲାଗିଲେ। ଜୀବନରେ ଆଗକୁ ବଢିବାକୁ ହେଲେ ଶିକ୍ଷାର ଆବଶ୍ୟକତା ଯେ କେତେ ରହିଛି, ସେକଥା ହୃଦୟଙ୍ଗମ କରି ଜ୍ୟୋତି ପିଲା ଦୁହିଁଙ୍କୁ ପଢାଇବା ସହ ନିଜେ ବି ପଢିବାକୁ ଲାଗିଲେ। ଘରୋଇ ଭାବେ ପଢି ପରୀକ୍ଷା ଦେଇ ସେ ସ୍ନାତକୋତ୍ତର ପାସ୍ କରିବା ସହିତ ଟାଇପ୍ ରାଇଟିଂ ବି ଶିଖିଗଲେ। ଯଦ୍ଦ୍ୱାରା ଜ୍ୟୋତିଙ୍କୁ ଆଉ ଏକ ଭଲ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଚାକିରି ମିଳିଗଲା। ହେଲେ ସେହି ସ୍କୁଲ୍ ଥିଲା ଟିକେ ଦୂରରେ। ପ୍ରତିଦିନ ଲୋକାଲ୍ ଟ୍ରେନ୍‌ରେ ଦୁଇଘଣ୍ଟାର ରାସ୍ତା ଅତିକ୍ରମ କରି ତାଙ୍କୁ ଏହି ସ୍କୁଲ୍‌କୁ ଯିବାକୁ ହେଉଥିଲା। ତେଣୁ ଯା'ଆସ ଖର୍ଚ୍ଚ ଉଠାଇବା ପାଇଁ ଜ୍ୟୋତି ଶେଷରେ ଟ୍ରେନ୍ ଭିତରେ ସହଯାତ୍ରୀମାନଙ୍କୁ ଶାଢି ବିକିବାକୁ ଲାଗିଲେ। ଦୁଇ ପଇସା ଭଲ ରୋଜଗାର ହେବାରୁ ହସଖୁସିରେ ପିଲାମାନଙ୍କ ସହ ତାଙ୍କର ଦିନ ବିତୁଥିଲା। ହଠାତ୍ ଏହି ସମୟରେ ଆମେରିକାରେ ରହୁଥିବା ଜଣେ ସମ୍ପର୍କୀୟାଙ୍କ ସଂସ୍ପର୍ଶରେ ଆସିଲେ ଜ୍ୟୋତି। ତାଙ୍କର ହାଇଷ୍ଟାଟସ୍ ଲାଇଫ୍‌ଷ୍ଟାଇଲ୍ ଦେଖି ଜ୍ୟୋତି ବି ଆମେରିକା ଯାଇ ନିଜ ଭବିଷ୍ୟତ ଗଢିବାକୁ ଇଚ୍ଛା କଲେ। ସେଥିପାଇଁ ସେ ସ୍ୱତନ୍ତ୍ର ଭାବେ ଇଂଲିଶ ଶିକ୍ଷା ନେବା ସହ ସଫ୍ଟୱେର୍ କୋର୍ସ ବି କଲେ। ତା'ପରେ ଜ୍ୟୋତି ପାସ୍‌ପୋର୍ଟ ଓ ଭିଜା ଯୋଗାଡ଼ କରି ଦୁଇ ଝିଅଙ୍କୁ ଏକ ମିସନାରୀ ହଷ୍ଟେଲ୍‌ରେ ଛାଡି ଆମେରିକା ଚାଲିଗଲେ। କିନ୍ତୁ ସେଠାରେ ପହଞ୍ଚିଲା ପରେ ତାଙ୍କ ଉପରେ ଦୁଃଖର ପାହାଡ ମାଡି ବସିଲା। କାରଣ ସେଠାରେ ଜ୍ୟୋତିଙ୍କର ଥିବା କୌଣସି ସମ୍ପର୍କୀୟ ତାଙ୍କୁ ଘରେ ରଖିବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ। ଅଜଣା ଦେଶରେ ନିରାଶ୍ରୟା ଜ୍ୟୋତିଙ୍କୁ ଗୋଟିଏ ଗୁଜରାଟୀ ପରିବାର ପେଇଂ ଗେଷ୍ଟ ଭାବେ ରହିବାକୁ ଆଶ୍ରୟ ଦେଲେ। ନିଜର ଖର୍ଚ୍ଚ ଉଠାଇବା ପାଇଁ ଜ୍ୟୋତି ଗୋଟିଏ ଭିଡିଓ ଶପ୍‌ରେ ସେଲ୍ସଗର୍ଲ ଭାବେ ପ୍ରଥମେ କିଛିଦିନ କାମ କଲେ। ଜ୍ୟୋତିଙ୍କର ପରିଶ୍ରମ ଓ ନିଷ୍ଠା ଦେଖି ଜଣେ ସହୃଦୟ ବ୍ୟକ୍ତି ତାଙ୍କୁ ସିଏସ୍ ଆମେରିକା ନାମକ ଏକ କମ୍ପାନୀରେ ରିକ୍ରୁଟର୍ ଭାବେ ଚାକିରି ଦେଲେ। କିଛିଦିନ ପରେ ଆଉ ଏକ କମ୍ପାନୀରେ ତାଙ୍କୁ ଭଲ ଦରମାରେ ଚାକିରିଟିଏ ମିଳିଗଲା। କିନ୍ତୁ ଅଳ୍ପଦିନ ପରେ ଉକ୍ତ କମ୍ପାନୀ ଜ୍ୟୋତିଙ୍କ ପାଖେ ଆମେରିକାର ୱାର୍କିଂ ଭିଜା ନ ଥିବା ଦର୍ଶାଇ ତାଙ୍କୁ ଚାକିରିରୁ ବାହାର କରିଦେଲା। ଚାକିରି ଯିବା ପରେ ୱାର୍କିଂ ଭିଜା ପାଇବା ପାଇଁ ଜ୍ୟୋତିଙ୍କୁ ବିଭିନ୍ନ ଅଫିସ୍‌କୁ ଯିବାକୁ ଓ ପେପର୍ ୱାର୍କ କରିବାକୁ ପଡୁଥିଲା। ତେଣୁ ଭିଜା ମିଳିବା ପର୍ଯ୍ୟନ୍ତ ପେଟ ପୋଷିବା ପାଇଁ ସେ ଗ୍ୟାସ୍ ଷ୍ଟେଶନରେ କାମ କରିବା ସହ ବେବି ସିଟର୍ (ଧାଈ) କାମ ବି କରିବାକୁ ଲାଗିଲେ। ତଥାପି ତାଙ୍କୁ ୱାର୍କିଂ ଭିଜା ମିଳୁ ନ ଥିଲା। ଏହି ସମୟରେ ଜ୍ୟୋତି ଅନୁଭବ କଲେ ଯେ, ୱାର୍କିଂ ଭିଜା ପାଇବା ପାଇଁ ଯେତିକି ପରିଶ୍ରମ ଆଉ ପେପର୍ ୱାର୍କ କଲେଣି, ତା'ରି ଭିତରେ ସେ ନିଜର ଏକ କନ୍‌ସଲ୍‌ଟାନ୍ସି କମ୍ପାନୀ ବି ଗଢିପାରିଥାନ୍ତେ। ବାସ୍ ତା'ପରେ ଜ୍ୟୋତି ଲାଇସେନ୍ସ ବାହାର କରି ଆମେରିକାରେ 'କି ସଫ୍ଟୱେର୍ ସଲ୍ୟୁଶନ'ନାମରେ ନିଜର ଏକ ଆଇଟି କମ୍ପାନୀ ଖୋଲିଲେ। ଏବେ ଏହି କମ୍ପାନୀ ଭଲ ବିଜ୍‌ନେସ୍ କରୁଛି। ଆଉ ଯା'ଭିତରେ ଜ୍ୟୋତି ନିଜର ଦୁଇ ଝିଅଙ୍କୁ ବି ଆମେରିକା ନେଇ ସେଠାରେ ପାଠ ପଢାଇ ଉଚ୍ଚ ଶିକ୍ଷିତା କରିସାରିଲେଣି। ତେବେ ଜୀବନରେ ବହୁ ଠୋକର ଖାଇ ସଫଳତାର ଶୀର୍ଷରେ ପହଞ୍ଚିଥିବା ଜ୍ୟୋତି କିନ୍ତୁ ନିଜ ଅତୀତକୁ କେବେ ବି ମନରୁ ପାସୋରି ନାହାନ୍ତି। ଆଜି ବି କୌଣସି ଅସହାୟ ପିଲାଙ୍କୁ ଦେଖିଲେ ତାଙ୍କ ହୃଦୟ କାନ୍ଦି ଉଠେ। ତେଣୁ ସେ ଯେତେବେଳେ ବି ଭାରତ ଆସନ୍ତି, ବିଭିନ୍ନ ଅନାଥାଶ୍ରମ, ବୃଦ୍ଧାଶ୍ରମ ବୁଲି ଅନ୍ତେବାସୀଙ୍କ ଭଲମନ୍ଦ କଥା ବୁଝିବା ସହ ଆର୍ଥିକ ସହାୟତା କରିଥାନ୍ତି। ତା'ସହିତ ବିଭିନ୍ନ ରାଜନେତା, ସରକାରୀ ଏଜେନ୍ସି, ପଲିସି ମେକର୍ସ ଓ ଏନ୍‌ଜିଓ ସଂସ୍ଥାଗୁଡ଼ିକ ସହ ସାକ୍ଷାତ୍ କରି ଏହି ଅସହାୟମାନଙ୍କର ଉତ୍ତରୋତ୍ତର ଉନ୍ନତି ପାଇଁ ଦୃଢ ପଦକ୍ଷେପମାନ ମଧ୍ୟ ନେଇଥାନ୍ତି।



ଜ୍ୟୋତି ରେଡ୍ଡୀ



ହରିକିଶନ ପିପଲ

## ଦିନମଜୁରିଆରୁ କଣ୍ଟ୍ରାକ୍ଟର ହେଲେ ଅର୍ଜୁନ ସୋଲାଙ୍କି

ମଧ୍ୟପ୍ରଦେଶର ଇନ୍ଦୋର ସହର ଅନ୍ତର୍ଗତ ଏକ ଛୋଟ ଗାଁର ଯୁବକ ଅର୍ଜୁନ ସୋଲାଙ୍କିଙ୍କୁ ଯେତେବେଳେ ମାତ୍ର ୧୪ ବର୍ଷ ବୟସ ହୋଇଥିଲା, ତାଙ୍କ ବାପାଙ୍କର ମୃତ୍ୟୁ ହେଲା। ଅର୍ଜୁନଙ୍କ ମା'ବାପା ଥିଲେ ଦିନମଜୁରିଆ। ବାପା ଖୁବ୍ ମଦ୍ୟପାନ କରୁଥିଲେ। ଶେଷରେ ଟିବି (ଟ୍ୟୁବରକୁଲୋସିସ୍) ରୋଗରେ ଆକ୍ରାନ୍ତ ହୋଇ ସେ ମୃତ୍ୟୁବରଣ କଲେ। ତା'ପରେ ପରିବାର ଓ ଦୁଇ ପୁଅଙ୍କର ଦାୟିତ୍ୱ ବୁଝିବାକୁ ପଡିଥିଲା ବିଧବା ମା'ଙ୍କୁ। ଦିନରାତି ଏକ କରି ଯେତେ ରୋଜଗାର କଲେ ବି ଦୁଇ ପୁଅଙ୍କର ଭଲମନ୍ଦ ବୁଝିବାକୁ ଓ ତାଙ୍କୁ ପାଠ ପଢାଇବାକୁ ସେ ଟଙ୍କା ଯଥେଷ୍ଟ ହେଉ ନ ଥିଲା। ଯେଉଁଥିପାଇଁ ଅର୍ଜୁନ ଓ ତାଙ୍କ ବଡ଼ ଭାଇ ନିଷ୍ପତ୍ତି ନେଲେ ପାଠ ଛାଡି ମା' ସାଙ୍ଗରେ ଯାଇ କାମ କରିବାକୁ। ସେୟା ହିଁ ହେଲା। ଏମିତି କିଛିଦିନ ବିତିବା ପରେ ହଠାତ୍ ଦିନେ ଅର୍ଜୁନଙ୍କର ଜଣେ ସାଙ୍ଗ ଆଇସିଆଇସିଆଇ ଏକାଡେମୀ ତରଫରୁ ଦିଆଯାଉଥିବା ଫ୍ରି କୋର୍ସ ସମ୍ପର୍କରେ ଆସି ଅର୍ଜୁନଙ୍କୁ କହିଲେ। ସାଙ୍ଗ ପାଖରୁ ଏକଥା ଶୁଣି ଅର୍ଜୁନ ଉକ୍ତ ଏକାଡେମୀରେ ପେଣ୍ଟ ଆପ୍‌ଲିକେଶନ ଟେକ୍‌ନିକ୍ କୋର୍ସ ଉପରେ ଶିକ୍ଷା ଗ୍ରହଣ କରିବା ପାଇଁ ନାଁ ଲେଖାଇଦେଲେ। ସେଠାରେ ତାଙ୍କୁ ବିଭିନ୍ନ ପ୍ରକାର ପେଣ୍ଟ୍ସ ସମ୍ପର୍କରେ ଶିକ୍ଷା ଦିଆଯିବା ସହ ଫାଇନାନ୍ସ, ପର୍ସନାଲିଟି ଡେଭ୍‌ଲପ୍‌ମେଣ୍ଟ ଏବଂ କମ୍ୟୁନିକେଶନ ସ୍କିଲ୍ ଉପରେ ବି ଶିକ୍ଷା ଦିଆଯାଉଥିଲା। ଶିକ୍ଷା ଗ୍ରହଣ କରିବା ସଙ୍ଗେସଙ୍ଗେ ଅର୍ଜୁନ ସମୟ ବାହାର କରି ମା' ଓ ଭାଇଙ୍କୁ କାମରେ ସାହାଯ୍ୟ ବି କରୁଥିଲେ। ଏମିତିରେ କୋର୍ସ ସରିଯିବା ପରେ କିଛିଦିନ ଏକ କଣ୍ଟ୍ରାକ୍ଟର ଅଧୀନରେ ରହି ସେ ପେଣ୍ଟିଂ କ୍ଷେତ୍ରରେ କାମ କଲେ। ଆଉ ଏବେ ଅର୍ଜୁନ ନିଜେ ଏକ କଣ୍ଟ୍ରାକ୍ଟର ହୋଇ ଲକ୍ଷାଧିକ ଟଙ୍କାର ପେଣ୍ଟିଂ କାମ ହାତକୁ ଆଣୁଛନ୍ତି। ନିଜ ଅଧୀନରେ କିଛି ପିଲାଙ୍କୁ କାମ ବି ଦେଇଛନ୍ତି। କେବଳ ସେତିକି ନୁହେଁ ଅର୍ଜୁନ ନିଜ ରୋଜଗାରର ଗୋଟିଏ ଭାଗ ଗାଁରେ ଥିବା ଗରିବ ପିଲାମାନଙ୍କ ପାଠପଢା ପାଇଁ ବି ଖର୍ଚ୍ଚ କରୁଛନ୍ତି। ଆବଶ୍ୟକସ୍ଥଳେ ଦରକାର ପଡିଲେ ସେ ନିଜେ ଯାଇ ପିଲାମାନଙ୍କର ସ୍କୁଲ୍ ଫି' ବି ଦେଇଆସୁଛନ୍ତି। ତେଣୁ ଆଜିର ଯୁବପିଢିଙ୍କ ପାଇଁ ଅର୍ଜୁନ ଏକ ଉଦାହରଣ ପାଲଟି ଯାଇଛନ୍ତି।





## ନିଷ୍ଠା ଓ କଠିନ ପରିଶ୍ରମ ଅମୂଲ୍ୟଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଛି

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ଗାଁରେ ଏପରି ଜଣେ ବ୍ୟକ୍ତିତ୍ୱ ଅଛନ୍ତି, ଯାହାଙ୍କ ପାଖରେ ହାର୍ ମାନିଛି ଦାରିଦ୍ର୍ୟ। ନାମ ତାଙ୍କର ଅମୂଲ୍ୟ ପଣ୍ଡା। ବୟସ ପାଖାପାଖି ୫୮ ହେବ। ତାଙ୍କ ବାପା ଥିଲେ ଗାଁର ପୁରୋହିତ। ମନ୍ତ୍ରପାଠ କରି ସେ ପରିବାର ଚଳାଉଥିଲେ। ଅମୂଲ୍ୟ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିଲା ବେଳେ ତାଙ୍କ ବାପାଙ୍କର ମୃତ୍ୟୁ ହେଲା। ବିଧବା ମା' ଦୁଃଖଧନ୍ଦା କରି ପରିବାର ଚଳାଇଲେ। ହେଲେ ଅର୍ଥାଭାବ ଯୋଗୁ ଅମୂଲ୍ୟଙ୍କର ମାଇନର ପଢା ବି ଶେଷ ହୋଇପାରିଲାନି। ପାଠପଢାରେ ଡୋରି ବନ୍ଧାହେଲା। ପିଲା ବୟସରେ ସେ ମା'ଙ୍କ ଉପରେ ନିର୍ଭର କରି ଚଳିଲେ। ହେଲେ ତାଙ୍କୁ ଯେବେ ୧୫ ବର୍ଷ ହେଲା ସେ ଗାଁ ଛକରେ ଏକ ଅସ୍ଥାୟୀ ଚା' ଦୋକାନ କରି ଆରମ୍ଭ କଲେ ବ୍ୟବସାୟ। ମାତ୍ର ୨୦ ବର୍ଷ ବୟସରେ ତାଙ୍କର ବାହାଘର ହେଲା। ହେଲେ ଦୁର୍ଭାଗ୍ୟର ବିଷୟ ୬ ଗୋଟି ସନ୍ତାନସନ୍ତତି ତାଙ୍କ କୋଳକୁ ଆସି ଆଖି ବୁଜି ଦେଇଥିଲେ। ଶେଷରେ ପ୍ରଭୁ ଜଗନ୍ନାଥଙ୍କ କୃପାରୁ ପୁତ୍ର ସନ୍ତାନଟିର ବାପା ହେବାର ସୌଭାଗ୍ୟ ଅର୍ଜିଲେ ଅମୂଲ୍ୟ, ଯାହାକୁ ସେ ମହାପ୍ରଭୁଙ୍କର ସନ୍ତକ ବୋଲି ମାନିଥାନ୍ତି। ତେବେ ପରିବାରର ଦାୟିତ୍ୱ ବଢିବାରୁ ଅମୂଲ୍ୟ ଛକରେ ଚା' ବିକିବା ସହ କ୍ରମେ ଗାଁରେ ହେଉଥିବା ବାହାଘର, ବ୍ରତଘର ତଥା ଅନ୍ୟାନ୍ୟ ପର୍ବପର୍ବାଣିରେ ରୋଷେଇ କରି ଦୁଇ ପଇସା ଅଧିକ ରୋଜଗାର କଲେ। ଏମିତି କରୁକରୁ ୧୯୯୫ ମସିହାରେ ସେ ଏକ ମେସ୍‌ରେ ପ୍ରବାସୀ ଓଡିଆ ଶ୍ରମିକମାନଙ୍କୁ ରୋଷେଇ କରି ଖାଇବାକୁ ଦେବା ପାଇଁ ହାଇଦ୍ରାବାଦ୍ ଚାଲିଗଲେ। ତାଙ୍କ ହାତ ପରଷାରେ ଯେମିତି କିଛି ଯାଦୁ ଥିଲା। ଫଳରେ ଖୁବ୍ କମ୍ ଦିନରେ ହାଇଦ୍ରାବାଦ୍‌ରେ ଜଣେ ଭଲ ରୋଷେୟା ଭାବେ ସମସ୍ତେ ତାଙ୍କର ଖୁବ୍ ପ୍ରଶଂସା କରିବାକୁ ଲାଗିଲେ। କିନ୍ତୁ ପରିବାରଠାରୁ ଏତେ ଦୂରରେ ରହି କାମ କରୁଥିବାରୁ ତାଙ୍କୁ ଭାରି ଦୁଃଖ ଲାଗୁଥିଲା। ତେଣୁ ସେ ୨୦୦୦ ମସିହାରେ ଗାଁକୁ ଫେରି ଆସିଲେ। ଗାଁକୁ ଆସି ସଞ୍ଚିତ ଅର୍ଥରାଶିରେ ଭଦ୍ରକ ସହରରେ ଜଗାବଳିଆ କ୍ୟାଟରିଂ ସର୍ଭିସ ନାଁରେ ନିଜର ଏକ ବ୍ୟବସାୟ ଆରମ୍ଭ କଲେ। ସେହି ଦିନଠାରୁ ଅମୂଲ୍ୟ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଏବେ ସିଏ ଅମୂଲ୍ୟ ନନା ଭାବେ ସାରା ଭଦ୍ରକରେ ସୁପରିଚିତ। ତାଙ୍କ କ୍ୟାଟରିଂ ସଂସ୍ଥାରେ ବର୍ତ୍ତମାନ ୩ ଶହ ଲୋକ କାମ କରୁଛନ୍ତି। ସେହି ୩ ଶହ ପରିବାରକୁ ଅମୂଲ୍ୟ ଦାନା ଯୋଗାଇ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ତାଙ୍କର ଏହି ପ୍ରଗତିପଥର ଆଦର୍ଶ ହେଉଛନ୍ତି ତାଙ୍କ ମା'। ନିଷ୍ଠା, ଉଦ୍ୟମ ଓ କଠିନ ପରିଶ୍ରମ ବଳରେ ଅମୂଲ୍ୟ ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବା ସହ ସମାଜରେ ଜଣେ ଆଗଧାଡିର ବ୍ୟକ୍ତି ଭାବେ ଛିଡା ହୋଇଛନ୍ତି।

**–ଦୀପ୍ତି ରଞ୍ଜନ ନାୟକ**



ଚାନ୍ଦ ବିହାରୀ ଅଗ୍ରୱାଲ



ଅମୂଲ୍ୟ ପଣ୍ଡା



ଅର୍ଜ୍ଜୁନ ସୋଲାଙ୍କି

## ପକୋଡ଼ି ବିକ୍ରି କରୁଥିବା ବ୍ୟକ୍ତି ହେଲେ ଗହଣା ବ୍ୟବସାୟୀ

ଜୀବନରେ ସଫଳ ହେବାର ଥିଲେ ଦୃଢ଼ ଇଚ୍ଛାଶକ୍ତି ଓ ଲକ୍ଷ୍ୟ ରହିବା ନିହାତି ଜରୁରୀ। ସେମିତି ଏକ ଲକ୍ଷ୍ୟ ରଖି କୋଟିପତି ହୋଇଥିବା ଚାନ୍ଦ ବିହାରୀ ଅଗ୍ରୱାଲ୍‌ଙ୍କ ସଫଳତାର କାହାଣୀ ବି କିଛି କମ୍ ରୋମାଞ୍ଚକର ନୁହେଁ। ପରିବାର ସହ ଜୟପୁରରେ ରହୁଥିଲେ ଚାନ୍ଦ ବିହାରୀ। ସେମାନେ ଥିଲେ ପାଞ୍ଚ ଭାଇଭଉଣୀ। ପରିବାରର ଦୁର୍ବଳ ଆର୍ଥିକାବସ୍ଥା ପାଇଁ ମାତ୍ର ୧୦ ବର୍ଷ ବୟସରୁ ସେ ମା' ଓ ଭାଇଙ୍କ ସହ ମିଶି ଜୟପୁରର ଫୁଟପାଥ୍‌ରେ ପକୋଡି ବିକିବା କାମ କରୁଥିଲେ। ସେତେବେଳେ ଦିନକୁ ଅତି କମ୍‌ରେ ୧୨/୧୪ ଘଣ୍ଟା ପରିଶ୍ରମ କରିବାକୁ ପଡୁଥିଲା ଚାନ୍ଦ ବିହାରୀ ଓ ତାଙ୍କ ଭାଇଙ୍କୁ। ଫଳରେ ସ୍କୁଲ ଯାଇ ପାଠପଢିବାକୁ ନା ସେମାନଙ୍କ ପାଖେ ସମୟ ଥିଲା ନା ଥିଲା ପଇସା। ସେମାନଙ୍କର ଗୋଟିଏ ମାତ୍ର ଲକ୍ଷ୍ୟ ଥିଲା, କେମିତି ଅଧିକ ରୋଜଗାର କରି ଘର ଲୋକଙ୍କୁ ଭଲରେ ରଖିବେ ଆଉ ସାନ ଭାଇଭଉଣୀମାନଙ୍କୁ ପଢାଇବେ। ପକୋଡି ଛାଣିବା କାମ ବେଶ୍ କିଛିଦିନ ଚାଲିବା ପରେ ଚାନ୍ଦ ବିହାରୀ ଭାଇଙ୍କ ସହାୟତାରେ ପାଟନାରେ ରାଜସ୍ଥାନୀ ଶାଢିର ବ୍ୟବସାୟ ଆରମ୍ଭ କଲେ। ଏହି ବ୍ୟବସାୟ ଭଲ ଚାଲିଲା ବି। କିନ୍ତୁ ଦୁଃଖର ବିଷୟ ଯେତେବେଳେ ବ୍ୟବସାୟଟି ଭଲ ଚାଲିବାକୁ ଆରମ୍ଭ କଲା, ତାଙ୍କ ଦୋକାନରୁ ଚୋରି ହୋଇଗଲା। ସବୁକିଛି ପୁଣି ବର୍ବାଦ ହୋଇଗଲା ତାଙ୍କର। କିନ୍ତୁ ତଥାପି ନିଜ ମନକୁ ଦୃଢ କରିଥିଲେ ସେ। ଭାଇଙ୍କ ଠାରୁ ମାତ୍ର ୫ ହଜାର ଟଙ୍କା ଉଧାର ନେଇ ନୂଆକରି ଜେମ୍ସ ଜୁଏଲେରିର ବ୍ୟବସାୟ ଆରମ୍ଭ କଲେ। ଏହି ବ୍ୟବସାୟରେ ଧୀରେ ଧୀରେ ଉନ୍ନତି ହେବାରୁ ସେ ପରେ ସୁନା ଗହଣାର କାରବାର କରିବା ମଧ୍ୟ ଆରମ୍ଭ କରିଦେଲେ। ତା'ପରଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ୟା' ଭିତରେ ସେ ଜଣେ ସଫଳ ଗହଣା ବ୍ୟବସାୟୀ ଭାବେ ବେଶ୍ ନାଁ କରିସାରିଲେଣି। କର୍ମ ପ୍ରତି ଥିବା ନିଷ୍ଠାଭାବ ଓ ସାଧନା ପାଇଁ ତାଙ୍କର ସେହି ଛୋଟ ଗହଣା ବ୍ୟବସାୟଟି ଏବେ ଏକ ବଡ଼ କମ୍ପାନୀର ରୂପ ନେଇସାରିଲାଣି। ଏତେ ସଫଳ ହୋଇ ବି ଚାନ୍ଦ ବିହାରୀ ନିଜ ଅତୀତକୁ ମନରୁ ପାସୋରି ଦେଇନାହାନ୍ତି। ଏବେ ବି ତାଙ୍କ ହୃଦୟରେ ଗରିବ ଶ୍ରେଣୀ ଲୋକମାନଙ୍କ ପାଇଁ ଦରଦ ଭରି ରହିଛି। ଫଳରେ ସେ ଗରିବ ରୋଗୀମାନଙ୍କର ମାଗଣା ଚିକିତ୍ସା କରିବା ସହିତ ଆର୍ଥିକ ସହାୟତା ମଧ୍ୟ ଦେଇଥାନ୍ତି।

## ରିକ୍ସା ଚାଳକ ହେଲେ କୋଟିପତି

କଠୋର ପରିଶ୍ରମ ଓ ନିଷ୍ଠା ବଳରେ ଯେ ଜଣେ ସଫଳତାର ଶୀର୍ଷରେ ପହଞ୍ଚିପାରେ ତାହାକୁ ପ୍ରମାଣ କରି ଦେଖାଇ ଦେଇଛନ୍ତି ହରିକିଶନ ପିପଲ। ବର୍ତ୍ତମାନ ସମୟରେ କୋଟି କୋଟି ଟଙ୍କାର ବ୍ୟବସାୟ ଥିବା ହରିକିଶନଙ୍କର ଜନ୍ମ ଏକ ଗରିବ ପଛୁଆ ବର୍ଗ ପରିବାରରେ । ତାଙ୍କ ବାପାଙ୍କର ଏକ ଜୋତା ତିଆରି ଦୋକାନ ଥିଲା। ସେଥିରୁ ଯାହା ରୋଜଗାର ହେଉଥିଲା ପରିବାର ଚଳିବା କଷ୍ଟକର ବ୍ୟାପାର ଥିଲା। ଘରର ଆର୍ଥିକ ସ୍ଥିତିକୁ ଦେଖି ହରିକିଶନ ଦିନମଜୁରିଆ ଭାବେ କାମ କରିବା ଆରମ୍ଭ କରିଦେଲେ। କିନ୍ତୁ ପାଠପଢା ଛାଡି ନ ଥିଲେ। ଦିନସାରା ପେଟପାଟଣା ପାଇଁ ଏଠିସେଠି କାମ କରୁଥିଲେ ଆଉ ରାତିରେ ପାଠ ପଢୁଥିଲେ। ହେଲେ ସେ ଯେତେବେଳେ ଦଶମରେ ପଢୁଥିଲେ, ତାଙ୍କ ବାପାଙ୍କର ଦେହ ଖରାପ ହେଲା। ଘରର ସମସ୍ତ ଦାୟିତ୍ୱ ସହ ବାପାଙ୍କ ଚିକିତ୍ସା କଥା ବି ତାଙ୍କୁ ହିଁ ବୁଝିବାକୁ ପଡିଲା। ଫଳରେ ହରିକିଶନ ଘରେ କାହାକୁ କିଛି ନ ଜଣାଇ ଜଣେ ସମ୍ପର୍କୀୟଙ୍କ ସହାୟତାରେ ଭଡ଼ାରେ ରିକ୍ସା ଚଳେଇଲେ। କେହି ଯେପରି ତାଙ୍କୁ ଚିହ୍ନି ନ ପାରିବେ, ସେଥିପାଇଁ ରିକ୍ସା ଚଳେଇଲାବେଳେ ସିଏ ମୁହଁରେ କପଡ଼ା ବାନ୍ଧି ଦେଉଥିଲେ। ଏମିତି କିଛିଦିନ ଯିବା ପରେ ହରିକିଶନଙ୍କୁ ଏକ ଫ୍ୟାକ୍ଟ୍ରିରେ ଛୋଟମୋଟ କାମ ମିଳିଗଲା। ଦ୍ୱାଦଶ ପଢିବା ସମୟରେ ତାଙ୍କ ବାହାଘର ହୋଇଗଲା। ବାହାଘର ପରେ ସ୍ତ୍ରୀଙ୍କ ପରାମର୍ଶରେ ହରିକିଶନ ବ୍ୟାଙ୍କରୁ ୧୫ ହଜାର ଟଙ୍କା ଲୋନ୍ ଆଣି ତାଙ୍କ ବାପାଙ୍କର ସେହି ପୁରୁଣା ଜୋତା ଦୋକାନକୁ ପୁଣିଥରେ ନୂଆକରି ଆରମ୍ଭ କଲେ। ଧୀରେ ଧୀରେ ତାଙ୍କର ବେପାର ଚାଲିଥାଏ। କଥାରେ ଅଛି ଭାଗ୍ୟ କେତେବେଳେ ବି ବଦଳି ଯାଇପାରେ। ହରିକିଶନଙ୍କ କ୍ଷେତ୍ରରେ ବି ସେୟା ହିଁ ହେଲା। ହଠାତ୍ ତାଙ୍କ ଉପରେ ଭାଗ୍ୟଦେବୀ ପ୍ରସନ୍ନ ହେଲେ। ଷ୍ଟେଟ୍ ଟ୍ରେଡିଂ କର୍ପୋରେଶନ ତରଫରୁ ତାଙ୍କୁ ୧୦ ହଜାର ହଳ ଜୋତା ତିଆରି କରିବାର ଅର୍ଡର ମିଳିଲା। ତାଙ୍କ କାମର କ୍ୱାଲିଟି ଭଲ ଥିବାରୁ ଗୋଟିଏ ପରେ ଗୋଟିଏ ଭଲ ଜୋତା କମ୍ପାନୀ ତରଫରୁ ତାଙ୍କ ପାଖକୁ ଜୋତା ତିଆରିର ଅର୍ଡର ଆସିବାକୁ ଲାଗିଲା। ବ୍ୟବସାୟ ଭଲ ବଢିବାରୁ ସେ ପିପଲ୍ସ ଏକ୍ସପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମରେ ନିଜର ଏକ କମ୍ପାନୀ ଖୋଲିଲେ, ଯଦ୍ଦ୍ୱାରା ତାଙ୍କ ପାଖକୁ ବିଭିନ୍ନ ଅନ୍ତଃରାଷ୍ଟ୍ରୀୟ ବ୍ରାଣ୍ଡର ଜୋତା ତିଆରି କରିବାର ଅର୍ଡର ଆସିବାକୁ ଲାଗିଲା। କେବଳ ଏତିକିରେ ତାଙ୍କର ବ୍ୟବସାୟ ସୀମିତ ନ ଥିଲା। ଏହାପରେ ହରିକିଶନ ରେଷ୍ଟୁରାଣ୍ଟ ଖୋଲି ବାହାଘର ପାଇଁ ରୋଷେଇ ଅର୍ଡର ବି ରଖିଲେ। ସେହିପରି ହେଲ୍‌ଥ କେୟାର୍ ସେକ୍ଟରରେ ସିଏ ହେରିଟେଜ୍ ପିପୁଲ୍ସ ହସ୍‌ପିଟାଲ୍ ନାମରେ ଏକ ସଂସ୍ଥା ବି ଖୋଲିଲେ। ତା'ଛଡ଼ା ସିଏ ଯାନବାହନର ଡିଲର୍‌ଶିପ୍ ବି ହାସଲ କଲେ। ତେବେ କଠିନ ପରିଶ୍ରମ ଓ ଦୂରଦୃଷ୍ଟି ମାଧ୍ୟମରେ ହରିକିଶନ ଯେଉଁ ସଫଳତା ପାଇଛନ୍ତି, ତାହା ସତରେ ଏ ସମାଜ ପାଇଁ ଏକ ଦିଗ୍‌ଦର୍ଶନ।

ଶେଷରେ କେବଳ ଏତିକି କୁହାଯାଇପାରେ, ଯେଉଁମାନେ କର୍ମକୁ ଭଗବାନ ଭାବି ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ବଳରେ ଆଗକୁ ଆଗେଇବାକୁ ଚେଷ୍ଟା କରନ୍ତି, ଶେଷରେ ସେମାନେ ହିଁ ହୋଇଥାନ୍ତି ସଫଳ। ଆଉ ତାଙ୍କର ସଫଳତାର କାହାଣୀ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଯାଏ।

**–ଅନ୍ୱିତା**







# ଭାରତର ମିଜାଇଲ ୱୁମ୍ୟାନ

ଭାରତୀୟ ପରମାଣୁ ବିଜ୍ଞାନ କଥା ଉଠିଲେ ମନକୁମନ ଆଖି ଆଗକୁ ଆସି ଯାଆନ୍ତି ଟେସୀ ଥମାସ୍। ତାଙ୍କୁ କେତେବେଳେ ଭାରତର ମିଜାଇଲ୍ ୱୁମ୍ୟାନ୍ ତ କେତେବେଳେ ଅଗ୍ନିପୁତ୍ରୀ ବୋଲି ମଧ୍ୟ କୁହାଯାଇଥାଏ। ଭାରତୀୟ ପରମାଣୁ ବିଜ୍ଞାନର ପରିଧିକୁ ଆଗକୁ ଆଗେଇ ନେବାରେ ଟେସୀଙ୍କର ଯେ ରହିଛି ଏକ ପ୍ରମୁଖ ଭୂମିକା ସେ କଥାକୁ କଦାଚିତ୍ ଅସ୍ୱୀକାର କରାଯାଇପାରିବ ନାହିଁ। ମୁଖ୍ୟତଃ ଜଣେ ବୈଜ୍ଞାନିକ ଭାବରେ ଜଣାଶୁଣା ଟେସୀ ଅଗ୍ନି-ଫୋର ମିଜାଇଲ୍‌ର ପ୍ରୋଜେକ୍ଟ ଡିରେକ୍ଟର ଭାବରେ କାର୍ଯ୍ୟ କରି ନିଜର ଦକ୍ଷତାକୁ ପ୍ରତିପାଦିତ କରିଥିଲେ। ସେ ହେଉଛନ୍ତି ପ୍ରଥମ ମହିଳା ବୈଜ୍ଞାନିକ ଯିଏ ଏକ ମିଜାଇଲ୍ ପ୍ରୋଜେକ୍ଟର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ। ଏହି ପ୍ରୋଜେକ୍ଟରେ କାର୍ଯ୍ୟ କରିବା ପରେ ତାଙ୍କୁ ଯଥାର୍ଥରେ ଭାରତର ମିଜାଇଲ୍ ମହିଳା ବା ମିଜାଇଲ୍ ୱୁମ୍ୟାନ୍ ବୋଲି କୁହାଯାଇଥିଲା।

**ପରିବାର :** ୧୯୬୩ ମସିହାରେ କେରଳର ଆଲ୍ଲାପୁଜାଠାରେ ଟେସୀଙ୍କର ଜନ୍ମ। ତାଙ୍କର ପରିବାର ଏକ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ପରିବାର ଥିଲେ। ସେମାନେ ମୂଳ ସିରିଆ ନିବାସୀ ଥିଲେ। ଟେସୀଙ୍କର ବାପାମା' ମଦର ଟେରେସାଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ। ତେଣୁ ସେମାନେ ମଦର ଟେରେସାଙ୍କ ନାମାନୁସାରେ ତାଙ୍କ ଝିଅର ନାମ ରଖିବାକୁ ଚାହୁଁଥିଲେ। ତେବେ ପରବର୍ତ୍ତୀ ସମୟରେ ସେମାନେ ଟେରେସାକୁ ପରିବର୍ତ୍ତନ କରି ଟେସୀ ରଖିଥିବା ଏକ ସାକ୍ଷାତ୍କାରରେ ପ୍ରକାଶ କରିଥିଲେ ଟେସୀ। ତାଙ୍କର ବାପା ଜଣେ ଆଇଏଫ୍ଏସ୍ ଅଫିସର ଥିଲେ। ପୁଣି ସେମାନଙ୍କର ଏକ ବିଜ୍‌ନେସ୍ ମଧ୍ୟ ଥିଲା। ଟେସୀଙ୍କୁ ଯେତେବେଳେ ୧୩ବର୍ଷ ହୋଇଥିଲା ସେତେବେଳେ ତାଙ୍କ ବାପା ହୃଦ୍‌ଘାତର ଶିକାର ହେଲେ। ଅବଶ୍ୟ ସେଥିରେ ତାଙ୍କର ପ୍ରାଣହାନି ଘଟି ନ ଥିଲା। ତେବେ ତାଙ୍କ ଶରୀରର ଡାହାଣପାର୍ଶ୍ୱ ପକ୍ଷାଘାତ ହୋଇଯାଇଥିଲା। ଟେସୀ ଏକଦା କହିଥିଲେ ଯେ, ଏହା ତାଙ୍କ ପରିବାର ପାଇଁ ଏକ ଗଭୀର ପୀଡ଼ାଦାୟକ ପରିସ୍ଥିତି ସୃଷ୍ଟି କରିଥିଲା। ତାଙ୍କର ମା' ଜଣେ ଶିକ୍ଷୟିତ୍ରୀ ଥିଲେ। ତାଙ୍କୁ ହିଁ ପରିବାରର ଯାବତୀୟ ବୋଝ ଉଠାଇବାକୁ ହୋଇଥିଲା।

**ପିଲାବେଳ :** ଟେସୀଙ୍କ ପିଲାବେଳ ବିତିଥିଲା ଥୁମ୍ବା ରକେଟ୍ ଲଞ୍ଚିଂ ଷ୍ଟେସନ୍‌ର ଆଖପାଖ ଅଞ୍ଚଳରେ। ପିଲାବେଳୁ ସେ ପ୍ରତ୍ୟକ୍ଷ ଅଥବା ପରୋକ୍ଷରେ ରକେଟ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ତାଙ୍କ ଭିତରେ ରକେଟ୍‌କୁ ନେଇ ପିଲାବେଳୁ ଏକ ଫାଣ୍ଟାସି ତିଆରି ହୋଇଯାଇଥିଲା। ଆଉ ବଡ଼ହେବା ପରେ ସେ ତାହାକୁ ବାସ୍ତବ ରୂପ ଦେବାକୁ ଚାହିଁଥିଲେ। ଅର୍ଥାତ୍ ଜଣେ ବୈଜ୍ଞାନିକ ହୋଇ ରକେଟ୍ ଉପରେ କାମ କରିବାକୁ ମନସ୍ଥ କରିଥିଲେ। ଟେସୀଙ୍କର ପିଲାବେଳ ଯଦିଓ ଆର୍ଥିକ ଅସ୍ୱଚ୍ଛଳତା ମଧ୍ୟ ଦେଇ ଅତିବାହିତ ହୋଇଥିଲା, ଏହାସତ୍ତ୍ୱେ ସେ ଏକ ଶୃଙ୍ଖଳିତ ପରିବାର ପାଇଥିଲେ। ତାଙ୍କ ମା' ସବୁବେଳେ ଶୃଙ୍ଖଳାକୁ ଗୁରୁତ୍ୱ ଦେଉଥିଲେ। ଟେସୀଙ୍କର ଆଉ ଚାରିଜଣ ଭଉଣୀ ଓ ଗୋଟିଏ ଭାଇ ଥିଲେ। ମା'ଙ୍କର ସମସ୍ତଙ୍କ ପ୍ରତି ସମାନ ନଜର ରହିଥିଲା। ସେ ଚାହୁଁଥିଲେ ତାଙ୍କର ପିଲାମାନେ କେବେ ବି ଶିକ୍ଷାଦୀକ୍ଷାରେ ପଛରେ ନ ପଡନ୍ତୁ। ମା'ଙ୍କର ତ୍ୟାଗ ହିଁ ତାଙ୍କୁ ଆଜି ଏଭଳି ଏକ ପର୍ଯ୍ୟାୟକୁ ଆଣି ପାରିଛି ବୋଲି ଟେସୀ ଦୃଢ଼ ଭାବରେ ମତବ୍ୟକ୍ତ କରନ୍ତି।

**ଆଇ.ଏ.ଏସ୍.ରୁ ଡି.ଆର.ଡି.ଓ. :** ପିଲାବେଳୁ ଯେ ଟେସୀ ରକେଟ୍ ପ୍ରେମରେ ପଡ଼ିଛନ୍ତି ଏକଥା ତାଙ୍କ ପରିବାରର କାହାରିକୁ ଜଣା ନ ଥିଲା। ପୁଣି ଟେସୀ ଥିଲେ ଅତିମାତ୍ରାରେ ଆତ୍ମମଗ୍ନ। ସେ କେବେ କୌଣସି କଥା ମୁହଁ ଖୋଲି କହୁ ନ ଥିଲେ। ମା' ଯାହା କହୁଥିଲେ ସେକଥାକୁ ସେ ଅକ୍ଷରେ ଅକ୍ଷରେ ମାନି ଯାଉଥିଲେ। ମା'ଙ୍କର ଇଚ୍ଛା ଥିଲା ଟେସୀ ଜଣେ ଆଇ.ଏ.ଏସ୍. ଅଫିସର ହେଉ ଏବଂ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଉ। ମା'ଙ୍କର ନିଷ୍ପତ୍ତିକୁ ସମ୍ମାନ ଜଣେଇ ଟେସୀ ଆଇ.ଏ.ଏସ୍. ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ। ତେବେ ତାଙ୍କ ଭିତରେ ଥିବା ଇଚ୍ଛାକୁ ମଧ୍ୟ ସେ ମାରି ଦେଇ ନ ଥିଲେ। ସେ ଏକସଙ୍ଗରେ ଦୁଇଟା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଆଇ.ଏ.ଏସ୍. ପରୀକ୍ଷା ଦେଲେ। ମାତ୍ର ସଂଯୋଗବଶତଃ ଆଇ.ଏ.ଏସ୍. ରେଜଲଟ ଆସିବା ପୂର୍ବରୁ ଅନୁଷ୍ଠିତ ହେଲା ଡି.ଆର.ଡି.ଓ. ଇଣ୍ଟରଭିୟୁ। ଆଉ ତା'ର ରେଜଲଟ୍ ମଧ୍ୟ ଆଗ ଆସିଲା। ଏବଂ ଟେସୀଙ୍କୁ ତୁରନ୍ତ ଡି.ଆର.ଡି.ଓ.ରେ ଯୋଗଦେବା ପାଇଁ କୁହାଗଲା। ମା' ମଧ୍ୟ ସମ୍ମତି ଦେଲେ। ବାସ୍, ଏହା ପରେ ଯାହା ହେଲା ତାହା ହେଉଛି ଇତିହାସ।

ସ୍ୱାମୀ ସରୋଜ କୁମାର ଏବଂ ଏକମାତ୍ର ପୁତ୍ର ତେଜସ୍‌ଙ୍କୁ ନେଇ ଟେସୀଙ୍କର ସୁଖର ସଂସାର। ସରୋଜ କୁମାର ଭାରତୀୟ ନୌସେନାର ଜଣେ କମାଣ୍ଡର।

> **ଟେସୀ ଥମାସ୍‌ଙ୍କୁ କେତେବେଳେ ଭାରତର ମିଜାଇଲ୍ ୱୁମ୍ୟାନ୍ ତ କେତେବେଳେ ଅଗ୍ନିପୁତ୍ରୀ ବୋଲି ମଧ୍ୟ କୁହାଯାଇଥାଏ। ଭାରତୀୟ ପରମାଣୁ ବିଜ୍ଞାନର ପରିଧିକୁ ଆଗକୁ ଆଗେଇ ନେବାରେ ଟେସୀଙ୍କର ଯେ ରହିଛି ଏକ ପ୍ରମୁଖ ଭୂମିକା ସେ କଥାକୁ କଦାଚିତ୍ ଅସ୍ୱୀକାର କରାଯାଇପାରିବ ନାହିଁ...**





# ଶବ୍ଦ

—ଡ. ଅସୀମା ସାହୁ

ଏ ଶବ୍ଦ
ପ୍ରଣୟରେ
ଘର ତୋଳିଦିଏ
କେବେ ଜାଳିଦିଏ ହୃଦୟ
ଜଳିଯାଏ ସମ୍ପର୍କ

କେବେ
ନିରସରେ ରସ ଭରେ
ଇନ୍ଦ୍ରଧନୁର
ବିଭାରେ ବର୍ଣ୍ଣାଳି ଆଙ୍କେ

ସମ୍ଭାବନାରେ
ଆଶାର କିରଣ ବୁଣି
ଜୀବନ ତ ଜିଅାଁଇ ଦିଏ

ଶବ୍ଦର କି ଭରସା...

ଜିଭ, ଓଠ ଆଉ କିଛି ଲାଳ ଭିତରୁ
ନିଗିଡି ଆସିଲେ ବି
ନିଜସ୍ୱ ପରିଚୟ ନ ଥାଏ
କେବେ ଗରମ ମୁଣ୍ଡର

ଅପଶବ୍ଦରେ ଖେଳେ
କେବେ ହୃଦୟର ଗୁଲାମ୍ ବନିଯାଏ

ତେଣୁ
ସାବଧାନ ଏ ଶବ୍ଦକୁ
ଶୃଙ୍ଖଳିତ କର
ମର୍ଯ୍ୟାଦାରେ ରଖ ତାକୁ... !!


—ମଧୁବନ, ବାରିପଦା

# କ୍ଷୁଧା

—ସୁଜିତ୍ କୁମାର ମିଶ୍ର

କିଛି ନ ଥିଲା କୁଡିଆରେ,
ପ୍ରୀତିର ପଖାଳ ଆଉ
ସାହାରା ପାଲଟିଥିବା ଶାଗଭଜାରେ
ଅତିଥି ଆପ୍ୟାୟିତ,
ଗଲାବେଳେ ଦରଦୀ ବନ୍ଧୁର ନିଖୁଣ
ଅଭିନୟ କରି ଦେଇଯାଇଥିଲେ
ପ୍ରତିଶ୍ରୁତିର ପାହାଡ ଆଉ
ସାନ୍ତ୍ୱନାରେ ଦୁଇ ପାପୁଲିର
ପ୍ରୀତି ପରଶ,
ପାଞ୍ଚ ବରଷ ହେଲା ବନବାସରେ
ପାରିଜାତ ସନ୍ଧାନରେ
ପୁଣି ଫେରିଛନ୍ତି କ୍ଷମତାର କ୍ଷୁଧାରେ,
କେମିତି ବିଶ୍ୱାସ କରିବି ତୁମର ସେ
ଚହଲୁଥିବା ଚରିତ୍ରକୁ,
ଯିଏ ସରଗର ଇନ୍ଦ୍ର ଆସନ ପାଇଁ
ବଳି ପକାଇପାରେ ନିଃସ୍ୱତାର
ନୁଆଁଣିଆ ଚାଳକୁ।

—ଜନାର୍ଦ୍ଦନପୁର ଶାସନ



# ଭଲପାଅ ବୋଲି

—ଖଗେଶ୍ୱର ଖଣ୍ଡୁଆଳ


ତମେ
ଭଲପାଅ ବୋଲି
ନିଃସ୍ୱର୍ତ୍ତରେ ସମର୍ପି ଦେଲି
ଜୀବନର ପ୍ରତିଟି ମୁହୂର୍ତ୍ତ
ତମ ଆବେଗଠୁ ଅଭିମାନ
ହସଠୁ ଲୁହ
ସବୁ ଆପଣାର କଲି।
ଆଉ କ'ଣ ଯେ,
ବାକି ରହିଲା ପୁଣି
ଏତେ ଦିନ ପରେ କହୁଛ
ତମ ଦ୍ୱାରା କିଛି
ହୋଇ ପାରିବନି ବୋଲି।

— ଅରିଲୋ, ସୋମପୁର, କଟକ

# ବିଶ୍ୱାସ

ମୂଳଲେଖା: **ଡଃ କମଳା ଚୋପ୍ରା**
ଅନୁବାଦ: **କନକ ମଞ୍ଜରୀ ସାହୁ**

ହରିଭାଇ ନିଜ ଘର ଆଡ଼କୁ ଯିବା ପାଇଁ ବୁଲି ପଡ଼ିଲା ବେଳକୁ ସାମନାରେ ଆସୁଥିବା ହଫିଜ ଭାଇ ସହିତ ଦେଖା ହୋଇଗଲା। ପରସ୍ପରକୁ ସଲାମ ନମସ୍କାର କଲାପରେ ହଫିଜ ଭାଇ କହିଲେ, ଭାଇ ହରିରାମ, ମୁଁ ତୁମ ଘରୁ ଏବେ ଫେରିଲି। ତୁମେ ଜାଣିଥିବ, ସହରରେ କେତେକ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇ ଗଲାଣି, କୌଣସି ସମୟରେ ଏଠାରେ ବି ଦଙ୍ଗା



ହୋଇପାରେ। ସେଥିପାଇଁ ମୋ ଝିଅ ଅମିନାକୁ ତୁମ ଘରେ ଛାଡ଼ିକି ଆସିଲି। ଏମିତିରେ ଏହା ମୁସଲମାନ ବସ୍ତି, କିନ୍ତୁ ମୋ ଘର ମେନରୋଡ ଉପରେ ସବୁଠୁ ପ୍ରଥମେ ପଡିବ। ବାହାରୁ ହମଲା ହେଲେ ସର୍ବ ପ୍ରଥମେ ମୋ ଘର ଉପରେ ହେବ। ତୁମ ଘରଟା ଭିତରେ, ତେଣୁ ଟିକେ ସୁରକ୍ଷିତ, ସେଥିପାଇଁ... କଣ ହେଲା ? ତୁମ ଆଖିରେ ଲୁହ... ?

ହଫିଜ ଭାଇ, ମୁଁ ଏବେ ତୁମ ଘରୁ ଫେରୁଛି। ଯିବା ସମୟରେ ମୁଁ ପଛ ଗଳି ଦେଇ ଯାଇଥିଲି, ସେଥିପାଇଁ ତୁମ ସାଙ୍ଗରେ ଭେଟ ହୋଇ ପାରିଲାନି। ପ୍ରକୃତରେ ମୁଁ ବି ମୋ ଝିଅ ସରଳାକୁ ତୁମ ଘରେ ଛାଡିକି ଆସିଲି, ଏକଥା ଭାବିଯେ ଏହି ବସ୍ତିରେ ତୁମ ଧର୍ମର ଲୋକ ବେଶୀ ଅଛନ୍ତି। ଆମ ଧର୍ମର ମାତ୍ର ଦୁଇ ଚାରିଟା ଘର ଅଛି। ମୋ ଝିଅ ମୋ ଘର ଠାରୁବି ତୁମ ଘରେ ବେଶୀ ସୁରକ୍ଷିତ ରହିବ... ?

ଆମ ସମସ୍ୟା ଏକ ... ସୁଖ ଦୁଃଖ ବି ଏକା ପ୍ରକାର ତଥାପି... ? ମୁଁ ଅଛି ତୁମେ କୌଣସି ଚିନ୍ତା କରନା।... ତୁମ ଝିଅ ମୋ ଝିଅ ଭଳି, ଏକ। କଥା...' ଦୁହେଁ ପରସ୍ପରକୁ ଆଲିଙ୍ଗନ କଲେ। ଅସହାୟତା ଏବଂ ଗଭୀର ଭଲପାଇବା ଦୁହିଁଙ୍କ ଆଖିରୁ ଅଶ୍ରୁ ହେଇ ନିଗିଡି ପଡୁଥିଲା'। ଭାବୁଥିଲେ ଏତେ ବିଶ୍ୱାସ ଏବଂ ଗଭୀର ସମ୍ପର୍କ ପରେ ବି ବାରମ୍ବାର ଏହି ବିପଦ କାହିଁକି ଆମକୁ ଗ୍ରାସୁଛି ?

—ଶ୍ରାବଣୀ ରେସିଡେନ୍ସୀ, ନୟାପଲ୍ଲୀ, ଭୁବନେଶ୍ୱର—୧୨



# ଆଶାରେ ବିଶ୍ୱରୂପ

ଚଳଚ୍ଚିତ୍ରର ମେଲ୍ ଲିଡ୍‌ରେ ଅଭିନୟ କରିଥିବା କଳାକାରଙ୍କର ନାମ ଯାହା ଫିଲ୍ମର ଟାଇଟଲ ମଧ୍ୟ ସେଇଆ। ନିଶ୍ଚୟ ଏହା ଏକ ଅଦ୍ଭୁତ ସଂଯୋଗ ବୋଲି କୁହାଯାଇପାରେ। ପୁଣି ଫିଲ୍ମର କାହାଣୀ, ଗୀତ ଏବଂ ଉପସ୍ଥାପନା ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଏହି ନବାଗତ ନାୟକ। ସେ ହେଲେ ବିଶ୍ୱରୂପ। କଥା କ'ଣ କି ଆକ୍ସନଭିତ୍ତିକ ଓଡ଼ିଆ ସିନେମା 'ବିଶ୍ୱରୂପ–ବର୍ନ ଟୁ ଫାଇଟ୍'ର ନାୟକ ସାଜିଛନ୍ତି ସେ। ଜଣେ ଫାଇଟର କିପରି ବିଭିନ୍ନ ପ୍ରକାର ଝଡ଼ଝଞ୍ଜାକୁ ସାମନା କରି ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ଏ.ବି. କ୍ରିଏସନ୍ସ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବିଶ୍ୱଜିତ ମିଶ୍ର। ଅନ୍ୟପକ୍ଷରେ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି 'ପ୍ରେମ ନିଶା ନିଆରା ନିଆରା', 'ତୋ ପ୍ରେମରେ ପଡିଲା ପରେ' ଏବଂ 'ଚାଲ୍ ଟିକେ ପ୍ରେମ କରିବା'ର ନିର୍ଦ୍ଦେଶକ ସରୋଜ କାନ୍ତ। ମନୋରଞ୍ଜନ ଦାସ ସଂଳାପ ରଚନା କରିଥିବା ବେଳେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଏହି ଫିଲ୍ମରେ ବିଶ୍ୱରୂପଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ତନୁଷ୍କା। ଏହି ନୂଆ ଯୋଡ଼ି ବ୍ୟତୀତ ମନୋଜ ମିଶ୍ର, ଅମ୍ରିତ, ଶିବ୍, ରକ୍ ପାତ୍ର, ଶ୍ୱେତା ଆଚାର୍ଯ୍ୟ, ଜୟା ସ୍ୱାମୀ, ଦେବୀ ବାରିକ, କାଳି ଏବଂ ଶିଶୁ କଳାକାର ଓମ୍ ଅଛନ୍ତି। ତେବେ ଫିଲ୍ମର ସଫଳତାକୁ ନେଇ ବିଶ୍ୱରୂପ ଯେଉଁ ଆଶା ରଖିଛନ୍ତି ତାହା କେତେ ସଫଳ ହେଉଛ ଚଳଚ୍ଚିତ୍ରଟି ରିଲିଜ ହେଲେ ହିଁ ଜଣାପଡିବ।



ବିଶ୍ୱରୂପ-ତନୁଷ୍କା

# କାରଣ ଖୋଜୁଛନ୍ତି ପରିଣିତି

ହଠାତ୍ ଏମିତି ଘଟିଯିବ ବୋଲି ପରିଣିତି ଚୋପ୍ରା କେବେ ଚିନ୍ତା କରି ନ ଥିଲେ। ଅଫରଟି ହାତରୁ ଖସି ଯିବା ପରେ ସେ ଏବେ ତାହାର କାରଣ ଖୋଜିବୁଲୁଛନ୍ତି। କଥା କ'ଣ କି ନିକଟରେ ତାଙ୍କୁ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ଅଭିନୟ କରିବାକୁ ଅଫର ଦେଇଥିଲେ। କାହାଣୀ ଏବଂ ନିଜ ଭୂମିକା ବିଷୟରେ ଶୁଣିବା ପରେ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। କିନ୍ତୁ କିଛିଦିନ ପରେ ଦେଖିବାକୁ ମିଳିଲା ଯେ ତାଙ୍କୁ କାଷ୍ଟିଂରୁ ଆଉଟ୍ କରିଦିଆଯାଇଛି। ଯେହେତୁ ଘଟଣା କେବଳ କଥାବାର୍ତ୍ତାରେ ହିଁ ସୀମିତ ରହିଥିଲା ତେଣୁ ପରିଣିତି ଏବେ ନିଜ ଭାଗ୍ୟକୁ ହିଁ ଦୋଷ ଦେଉଛନ୍ତି। ଏ ବିଷୟରେ ସେ କହନ୍ତି, 'ମୁଁ ଯେତିକି ଜାଣିଛି ପ୍ରଯୋଜକଙ୍କ ସହ କଥାବାର୍ତ୍ତା ହେବା ୩–୪ଦିନ ପରେ ମୁଁ ସାଇନ୍ କରିଥାଆନ୍ତି। ହେଲେ ଦେଖିଲା ବେଳକୁ ମୋତେ କାଷ୍ଟିଂରୁ ବାଦ୍ ଦିଆଯାଇଛି। ଏହାର କାରଣ କ'ଣ ତାହା ମୁଁ ଜାଣିପାରୁନାହିଁ। ଏତିକି ଦୁଃଖ ଲାଗୁଛି ଭଲ ସିନେମାଟିଏ ହାତରୁ ଖସି ଗଲା'। ହେଲେ ଶୁଣିବାକୁ ମିଳୁଛି ଯେ ପାରିଶ୍ରମିକକୁ ନେଇ ଦୁହିଁଙ୍କ ଭିତରେ ସହମତି ହୋଇପାରି ନ ଥିଲା। ତେଣୁ ପ୍ରଯୋଜକ ବାଧ୍ୟ ହୋଇ ପରିଣିତିଙ୍କ ସ୍ଥାନରେ ଆଉ ଜଣେ ନାୟିକାଙ୍କୁ ନେବାକୁ ଚାହିଁଥିଲେ।



# ପ୍ରିୟଙ୍କାଙ୍କ ବଲିଉଡ୍ ମୋହ

ପ୍ରିୟଙ୍କା ଚୋପ୍ରାଙ୍କ ବଲିଉଡ୍ ମୋହ ଭାଙ୍ଗିନି। ଦିନ ଥିଲା ତାଙ୍କ ପଛରେ ପ୍ରଯୋଜକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳୁଥିଲା। ହେଲେ ସେ ହଲିଉଡ୍ ମୁହାଁ ହେବା ପରେ ବଲିଉଡ୍‌ଠାରୁ ପ୍ରାୟ ଦୂରେଇ ଯାଇଛନ୍ତି। ନିକଟରେ ସେ ଏକ ବୁଟିକ୍ ଉଦ୍‌ଘାଟନ କରିବାକୁ ସ୍ୱାମୀ ନିକ୍ ଜୋନାସଙ୍କ ସହ ମୁମ୍ବାଇ ଆସିଥିଲେ। ସେଠାରେ ନିଜ ବଲିଉଡ୍ କ୍ୟାରିୟରକୁ ନେଇ ଦୁଇ ପଦ କହିବାକୁ ପଛାଇ ନ ଥିଲେ। ସେ କହିଥିଲେ, 'ଅନେକେ ଭାବୁଛନ୍ତି ଯେ ମୁଁ ବଲିଉଡ୍‌ଠାରୁ ଦୂରେଇ ଯାଇଛି। ହେଲେ ତାହା ସତ ନୁହେଁ। ମୁଁ ଏବେ ବି ବଲିଉଡ୍ ସହ ଜଡିତ ଅଛି। ମୋ ହାତରେ ଏବେ ୨–୩ଟି ଅଫର ରହିଛି। ଏ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବି। ବଲିଉଡ୍‌କୁ ମୋର ଫେରିବା ନିଶ୍ଚିତ।' ଦେଖାଯାଉ, ହିନ୍ଦୀ ସିନେମାରେ ପ୍ରିୟଙ୍କା କେବେ ତାଙ୍କର ଦ୍ୱିତୀୟ ଇନିଂସ ଆରମ୍ଭ କରୁଛନ୍ତି।

# ଅର୍ଜୁନଙ୍କ ପ୍ରସ୍ତୁତି

ଅର୍ଜୁନ କପୁରଙ୍କ ନେଇ ଏବେ ଚର୍ଚ୍ଚା। ଗୋଟିଏ କାମ ପାଇଁ ସେ ଦିନ ରାତି ଏକାଠି କରିଦେଇଛନ୍ତି। ତାହା କ'ଣ ଜାଣନ୍ତି ? ନିଜକୁ ଆହୁରି ଫିଟ୍ ରଖିବା ପାଇଁ। କାରଣ ସେ ଅଭିନୟ କରିବାକୁ ଯାଉଥିବା ଐତିହାସିକ ଫିଲ୍ମ 'ପାନିପଥ'ର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ। ତେଣୁ ନିଜ ଭୂମିକାକୁ ସକ୍‌ସେସ କରିବାକୁ ସେ ନିଜର ଫିଟ୍‌ନେସ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଜିମ୍ ଯାଉଛନ୍ତି। ତା' ସହ ଡାଏଟିଂ। କେବଳ ସେତିକି ନୁହେଁ, ପାନିପଥ ଯୁଦ୍ଧ ବିଷୟରେ ଟିକିନିଖି ବୁଝଉଛନ୍ତି। ଏହାକୁ ଆଧାର କରି ସିନେମା ନିର୍ମାଣ କରୁଛନ୍ତି ଅନ୍ୟତମ ନାମୀ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକର। ଫିଲ୍ମଟି ଚଳିତବର୍ଷ ଡିସେମ୍ବରରେ ରିଲିଜ ହେବାର ଯୋଜନା ରହିଛି।

# ଶାହରୁଖ ହିଁ ବେଷ୍ଟ

ସୈଫ ତନୟା ସାରା ଅଲ୍ଲୀ ଖାଁଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ଯୁଆଡେ ଗଲେ ସେ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ହେଲେ କାହାକୁ ଜାଣନ୍ତି ? ଶାହରୁଖଙ୍କୁ। କଥା କ'ଣ କି ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ସାରା। କାର୍ଯ୍ୟକ୍ରମ ଅବସରରେ ସେ ନିଜ ମନ କଥା କହିବାକୁ ପଛାଇ ନ ଥିଲେ। ସେ କହିଥିଲେ, 'ବଲିଉଡ୍‌ରେ ମୋତେ ମୋ ପାପା ଏବଂ ଶାହରୁଖଙ୍କ ଆକ୍ଟିଂ ବେଶ୍ ପ୍ରଭାବିତ କରିଛି। ଏପରି କି ଦୁହିଁଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିଛି। ଯଦି କେହି ମୋତେ ପଚାରନ୍ତି ଯେ, ମୋର ଫେଭରାଇଟ୍ ହୋଷ୍ଟ କିଏ ? ତେବେ ମୁଁ କହିବି ଉଭୟ ସୈଫ ଏବଂ ଶାହରୁଖ । ଯଦି ମୋତେ କେବେ ଶାହରୁଖଙ୍କ ସହ ଅଭିନୟ କରିବାର ସୁଯୋଗ ମିଳେ ତେବେ ମୁଁ ଆଖିବୁଜି ହଁ ଭରିବି।' ତେବେ ସାରାଙ୍କର ଏହି ସ୍ୱପ୍ନ କେବେ ସତ ହେଉଛି ତାହା ଦେଖିବାକୁ ବାକି ରହିଲା।

# ବାହା ହେବାକୁ ବେଳ ନାହିଁ

ସଲମାନଙ୍କ ବୟସ ୫୦ ଟପିଯାଇଥିଲେ ମଧ୍ୟ ତାଙ୍କୁ ବଲିଉଡ୍‌ର ମୋଷ୍ଟ ଏଲିଜିବୁଲ୍ ବ୍ୟାଚେଲର ଭାବରେ ଗଣାଯାଉଛି । ତାଙ୍କର ଅଗଣିତ ପ୍ରଶଂସକଙ୍କ ମନରେ ଗୋଟିଏ ପ୍ରଶ୍ନ–ନେମ୍ ଫେମ୍ ସବୁ ମିଳିଲା, ହେଲେ ଭାଇଜାନ (ସଲମାନ) କେବେ ବିବାହ କରିବେ। ଶୁଣିବାକୁ ମିଳୁଛି ଯେ ସେ ଏବେ ମ୍ୟାରେଜ ମୁଡ୍‌ରେ ନାହାନ୍ତି। ଏବେ ବି ନିଜ କ୍ୟାରିୟରକୁ ନେଇ ବେଶ୍ ସଚେତନ । ଚଳିତବର୍ଷ ଇଦ୍‌ରେ ତାଙ୍କ ଅଭିନୀତ 'ଭାରତ' ରିଲିଜ ହେବାକୁ ଯାଉଛି। ନିକଟରେ ତାଙ୍କର କେତୋଟି ସିନେମା ଫ୍ଲପ୍ ହେବା ପରେ ଏହି ଫିଲ୍ମଟିକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସଲମାନ। ପୁଣି ଏଥିରେ ତାଙ୍କ ସହ କ୍ୟାଟ୍ରିନାଙ୍କୁ ଦେଖିବାକୁ ମିଳିବ। ନିକଟରେ ଏହାର ପ୍ରମୋ ଅବସରରେ ସେ କହିଥିଲେ ଯେ, 'ଏବେ ମୁଁ ମୋ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେଉଛି। ତେଣୁ ବର୍ତ୍ତମାନ ମ୍ୟାରେଜ କଥା ଚିନ୍ତା କରିବାକୁ ମୋ ପାଖରେ ସମୟ ନାହିଁ। ତେଣୁ ମ୍ୟାରେଜ ବିଷୟରେ ସବୁବେଳେ ଆଲୋଚନା ନ କରିବା ହିଁ ଠିକ୍ ହେବ।' ବଲିଉଡ୍‌ରେ ନିଜର ଲମ୍ବା କ୍ୟାରିୟର ଭିତରେ ଅନେକ ନାୟିକାଙ୍କ ସହ ଆଫେୟାର୍ସକୁ ନେଇ ସଲମାନ ଆଲୋଚନାର ଶିରୋନାମା ପାଲଟି ସାରିଛନ୍ତି। ନିକଟରେ ଶୁଣିବାକୁ ମିଳୁଥିଲା ସେ ବିଦେଶୀ ପ୍ରେମିକା ଲୁଲିୟା ଭାନ୍ତୁରଙ୍କୁ ବିବାହ କରିବେ। ହେଲେ ତାହା ଉପରେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରଶ୍ନବାଚୀ ଲାଗିରହିଛି।





ସଲମାନ



ସାରା

# ଅଳପ ଛାଇ ଅଳପ ଖରା, ଅବୁଝା ସୁନ୍ଦରୀ ନ ଦିଏ ଧରା

**ପ୍ରଶ୍ନ**–ସୁନ୍ଦରୀ ଝିଅଟିଏ ମୋତେ ସବୁବେଳେ ଦେଖିଲେ ହସି ଦେଉଛି। ହେଲେ ମୋ ପ୍ରେମ ଜାଲରେ ଧରା ଦେଉନି। କ'ଣ କରିବି ?

*–ପ୍ରତାପ ଦାସ, ବାରିପଦା, ମୟୂରଭଞ୍ଜ*

**ଉତ୍ତର :** ଅଳପ ଛାଇ ଅଳପ ଖରା, ଅବୁଝା ସୁନ୍ଦରୀ ନ ଦିଏ ଧରା। ସୁନ୍ଦରୀ ଝିଅର ହସରେ ଅନେକ କଥା ଲୁଚି ରହିଥାଏ। କେବଳ ମଗଜ ଖଟାଇ ତାକୁ ପଢ଼ିପାରିଲେ ହେଲା। ଏପରି ପ୍ରେମତୀର ମାରନ୍ତୁ ଯେମିତି ସେ ଅବୁଝା ସୁନ୍ଦରୀ ଆପେ ଆପେ ଆସି ଆପଣଙ୍କ ପ୍ରେମଫାଶରେ ବନ୍ଦୀ ହୋଇଯିବ। ଯଦି ଆପଣ ଏମିତି ଭାବୁ ଭାବୁ ଡେରି ହୋଇଯାଏ ତେବେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା। ତେଣୁ ବେଳ ଦେଖି ବନ୍ଧ ବାନ୍ଧନ୍ତୁ।

**ପ୍ରଶ୍ନ**–ସାଙ୍ଗମାନଙ୍କ ବୁଦ୍ଧିରେ ପଡି ଅନେକ ଝିଅଙ୍କୁ ପ୍ରେମ ନିବେଦନ କଲି। ହେଲେ ରେଜଲ୍ଟ କେବଳ ଧୋକା। କେମିତି ଝିଅଟିଏ ପଟାଇବି ଜାଣିପାରୁନାହିଁ।

*–ସୁବାସ ପ୍ରହରାଜ, ବ୍ରହ୍ମପୁର*

**ଉତ୍ତର :** ପ୍ରେମ ତତଲା ଯାଉ ପରି। ଆପଣ ଉତାବିଳା ହୋଇ ଥାଳି ମଝିରେ ହାତ ପୂରାଇ ଦେଲେ ହାତ ସିନା ପୋଡି ଯିବ ହେଲେ କିଛି ଖାଇପାରିବେ ନାହିଁ। ତେଣୁ ପ୍ରେମ ରାସ୍ତାରେ ସବୁବେଳେ ଦେଖିଚାହିଁ ପାଦ ପକାନ୍ତୁ। ବାକି ରହିଲା ସାଙ୍ଗମାନଙ୍କ କଥା। ପରକଥାରେ ଆଗକୁ ମାଡିବା ପୂର୍ବରୁ ଥରେ ସେ ବିଷୟରେ ଚିନ୍ତା କରନ୍ତୁ। ମନର ମାନସୀ ହୃଦୟକୁ ଏମିତି ଚୋରି କରନ୍ତୁ ଯେମିତି ସେ ଚକିତ ହୋଇଯିବ। ଆଉ ଦୁଇ ପଟରୁ ଗ୍ରୀନ୍ ସିଗ୍ନାଲ ମିଳିବା ପରେ ଆପଣଙ୍କ ପ୍ରେମର ଗାଡି ସାଇଁ ସାଇଁ ଆଗକୁ ଗଡି ଚାଲିବ।

**ପ୍ରଶ୍ନ**–ପ୍ରେମ ଯେତେବେଳେ ଆରମ୍ଭ ହୁଏ ସେତେବେଳେ ଭାରି ମଜା ଲାଗେ। ହେଲେ ସେଥିରେ ଧୋକା, ପ୍ରତାରଣା ପରି ଶବ୍ଦ କାହିଁକି ରହିଛି ?

*–ଦେବେନ୍ଦ୍ର ସୁଆର, ଭୁବନେଶ୍ୱର*

**ଉତ୍ତର :** ପ୍ୟାର୍ କା ଲଡ୍ଡୁ ଯୋ ଖାୟା ୱ ପସ୍ତାୟା ଯୋ ନେହିଁ ଖାୟା ୱ ଭି ପସ୍ତାୟା। ହେଲେ ପ୍ରେମ ନିଶାରେ ମସ୍‌ଗୁଲ ହୋଇ ଅନେକେ ଏହାର ଟ୍ରାକ୍‌ରୁ ବାହାରି ଯାଇଥାଆନ୍ତି। ଯଦି ଦୁଇ ମନ ଏକାଠି ହୋଇ ନ ରହିଲା ତେବେ ସେଭଳି ପ୍ରେମରେ ଧୋକା, ପ୍ରତାରଣା କେତେବେଳେ ଜନ୍ମ ନେବ ତାହା କଳ୍ପନା କରିପାରିବେ ନାହିଁ। ତେଣୁ ଯଦି ସବୁ ଠିକ୍ ଠାକ୍ ଚାଲିଲା ତେବେ ପ୍ରେମ ସବୁବେଳେ ରସଗୋଲା ପରି ମିଠା ଆଉ ଯଦି ପାନରୁ ଚୂନ ଖସିଗଲା ନିମ ପରି ପିତା ଲାଗିବ।

**ପ୍ରଶ୍ନ**–ହେ ପ୍ରିୟା, ତମେ ମୋତେ ଧୋକା ଦେଇ ଚାଲିଗଲ। ଆଉ ଏବେ ତୁମ ବିନା ମୋ ଜୀବନ ମରୁଭୂମି ପରି। ତୁମେ କ'ଣ ମୋ ଦରଦୀ ମନର ଅକୁହା କଥାକୁ ବୁଝି ପାରୁନ ? ଯଦି ବୁଝି ପାରୁଛ ତେବେ କାହିଁକି ଫେରି ଆସୁନ ?

*–ଜୟନ୍ତ, ଯାଜପୁର*

**ଉତ୍ତର :** ଧୋକା ଦେଇ ଏକମୁହାଁ ହୋଇ ଚାଲିଯାଇଥିବା ପ୍ରେମିକା ଯେ ପୁଣି ଥରେ ଫେରିବ ଏଭଳି ଆଶା କରିବା ବୃଥା। ଯଦି ବା କେବେ ଫେରିଆସେ ତେବେ ଭଙ୍ଗାମନକୁ ଯେତେ ଯୋଡିଲେ ବି ସେଥିରେ ଫାଟ ରହିବ। ଆଉ ମନରେ ସନ୍ଦେହ କୁହେଳିକା ସେମିତି ଜଳୁଥିବ। ମନରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଙ୍କି ମାରୁଥିବ–ସେ ପୁଣି ଥରେ ମୋତେ ଧୋକା ଦେଇ ଚାଲି ଯିବନି ତ ? ତେଣୁ ସେଭଳି ପ୍ରେମରୁ ଅଧିକ ଆଶା କରିବା ଅପେକ୍ଷା ତାହାର ଯେତେଶୀଘ୍ର ଦି ଏଣ୍ଡ କରିଦେବା ହିଁ ଭଲ।

ସାଥୀ



## ପ୍ରଥମ ରୋଜଗାର



# ପ୍ରଥମ ପାରିଶ୍ରମିକ ଟଙ୍କା ମା'ବାପାଙ୍କୁ ଦେଇଥିଲି

**କଣ୍ଠଶିଳ୍ପୀ, ଉପସ୍ଥାପକ, ଅଭିନେତା ତଥା ଶିକ୍ଷକ ଘନଶ୍ୟାମ ବେହେରା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

**ଦେ**ବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଡଂରା ଗ୍ରାମରେ ମୋର ଜନ୍ମ। ୪ ଭାଇଭଉଣୀଙ୍କ ମଧ୍ୟରେ ମୁଁ ହେଉଛି ସବା ସାନ। ମୋର ଜଣେ ବଡ଼ ଭାଇ ଚୁଡ଼ାମଣି ବେହେରା ଭଲ ଗୀତ ଗାଆନ୍ତି। ତାଙ୍କରି ପ୍ରେରଣାରେ ମୁଁ ବି ଗୀତ ଗାଇଲି। ବିନା ପ୍ରଶିକ୍ଷଣରେ ପ୍ରତିବର୍ଷ ରଜ ଓ ଦଶହରା ସମୟରେ ଗାଁରେ ହେଉଥିବା ନାଟକରେ ଗୀତ ଗାଇବା ସଙ୍ଗେସଙ୍ଗେ ବିଦ୍ୟାଳୟସ୍ତରୀୟ ଅନେକ କାର୍ଯ୍ୟକ୍ରମରେ ମଧ୍ୟ ଗୀତ ଗାଉଥିଲି। ଏହିପରି ଭାବେ ଡଂରା ଉଚ୍ଚ ବିଦ୍ୟାଳୟରୁ ୧୯୯୦ରେ ଦଶମ ପାସ୍ କରି ବାରକୋଟ କଲେଜରେ ଯୁକ୍ତ ୨ ଓ ଯୁକ୍ତ ୩ ପଢିଲି। ତା'ପରେ ସିଟି କଲି। ସିଟି ପାସ୍ କରିବା ପରେ ରାଜଶ୍ରୀ ଗଣନାଟ୍ୟ ତରଫରୁ ପ୍ରସ୍ତୁତ 'ଜହ୍ନି ଫୁଲ ଠୋଠା' ନାଟକରେ ଗୀତ ଗାଇବାର ସୁଯୋଗ ପାଇଲି। ସେଠାରୁ ୨୫୦୦ ଟଙ୍କା ପାରିଶ୍ରମିକ ମିଳିଲା, ଯାହାକି ଥିଲା ମୋର ପ୍ରଥମ ରୋଜଗାର। ଟଙ୍କାକୁ ଆଣି ମା'ବାପାଙ୍କ ହାତରେ ଦେଇଥିଲି। ପାଖାପାଖି ୪ମାସ ଏହି ଗଣନାଟ୍ୟ ସହିତ ଜଡିତ ରହିବା ପରେ ମୋତେ ଶିକ୍ଷକ ଚାକିରି ମିଳିଗଲା। ଝାରସୁଗୁଡ଼ା ଲଖନପୁର ବ୍ଲକ ଅନ୍ତର୍ଗତ କନକତୁରା ନିକଟବର୍ତ୍ତୀ ଗୁଡ଼ମ ଗାଁର ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ପ୍ରଥମେ ମୋତେ ନିଯୁକ୍ତି ମିଳିଲା। ଦୁଇ ବର୍ଷ ପରେ ଲଖନପୁର ବ୍ଲକ ଅନ୍ତର୍ଗତ ବାଘମୁଣ୍ଡା ଗାଁକୁ ମୋର ବଦଳି ହେଲା। ବାଘମୁଣ୍ଡା ଗାଁର ନିଜର ଏକ ଯାତ୍ରା ପାର୍ଟି ଥିଲା। ଉକ୍ତ ପାର୍ଟି ତରଫରୁ ଗାଁରେ ବିଭିନ୍ନ ସମୟରେ ନାଟକ ପରିବେଷଣ କରାଯାଉଥିଲା। କଳାପ୍ରତି ଦୁର୍ବଳତା ଥିବାରୁ ଶିକ୍ଷକତା ଜୀବନରୁ ଯେତେବେଳେ ଟିକେ ଫୁରସତ୍ ମିଳୁଥିଲା ମୁଁ ଯାଇ ନାଟକରେ ଗୀତ ଗାଉଥିଲି। ଗୀତ ଗାଇବା ସହ କ୍ରମେ ନାଟକରେ ଆଙ୍କରିଂ (ଉପସ୍ଥାପନା) କରିବା ଆରମ୍ଭ କରିଦେଲି। 'ଆମ ସାହି ତୁଳସୀ ଅପା' ଓ 'ଝୁମ୍‌କା ହଜିଲା ଝାଉଁ ବଣରେ' ଆଦି ନାକଟରେ ଗୀତ ଗାଇବା ସହିତ ଆଙ୍କରିଂ କରିଥିଲି। ବାଘମୁଣ୍ଡାରେ ଏମିତି ଦୁଇବର୍ଷ ବିତିଯିବା ପରେ ମୋର ସମ୍ବଲପୁର ରେଙ୍ଗାଲି ବ୍ଲକ ଅନ୍ତର୍ଗତ ସାଙ୍ଗରାମାଲ୍ ଗାଁକୁ ବଦଳି ହେଲା। ଏଠାରେ ଶିକ୍ଷକତା କରୁଥିବାବେଳେ 'ପାଣିନି ପ୍ରାଞ୍ଜ କଲଚରାଲ ଏକାଡେମୀ' ସଂସ୍ପର୍ଶରେ ଆସି ଗୁରୁ ରତନ ପୂଜାରୀଙ୍କଠାରୁ ବିଧିବଦ୍ଧ ଭାବେ ଗୀତ ଏବଂ ଗୁରୁ ନରେନ୍ଦ୍ର କୁମାରଙ୍କଠାରୁ ଅଭିନୟ ଶିକ୍ଷା ଗ୍ରହଣ କରିଥିଲି। ଏହାପରେ ସମ୍ବଲପୁରୀ ଗୀତ ଗାଇବାର ସୁଯୋଗ ପାଇଲି। ୟା'ଭିତରେ ମୁଁ 'ବେସରମ୍ କଳାଭଅଁର' କ୍ୟାସେଟ୍‌ର ଦୁଇଟି ଗୀତ 'ଲେଖିଛେ ଚିଠି ମୋର୍ ରକତେ ଲୋ' ଓ 'ଫୁଟାନି ଭାଙ୍ଗି ଦେମି', 'ହାପି ନ୍ୟୁ ଇୟର୍' କ୍ୟାସେଟ୍‌ର ଟାଇଟଲ୍ ଗୀତ ଏବଂ 'ଜୟ ମା' ସମଲେଇ' କ୍ୟାସେଟ୍‌ର ଟାଇଟଲ୍ ଭଜନ ଇତ୍ୟାଦି ଗାଇସାରିଲିଣି। ଏପରିକି ମୋର 'ହାପି ନ୍ୟୁ ଇୟର୍'ର ଟାଇଟେଲ୍ ଗୀତ ଏବଂ 'ଲେଖିଛେ ଚିଠି ମୋର୍ ରକତେ ଲୋ' ଗୀତଟି ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଲୋକାଦୃତ ହୋଇସାରିଲାଣି। ଏସବୁ ବାଦ୍ ତରଙ୍ଗ ଚ୍ୟାନେଲ୍‌ର ସିଷ୍ଟର ଶ୍ରୀଦେବୀ(ବୋହୂ ଆମର ଶ୍ରୀଦେବୀ), ଜି ସାର୍ଥକର 'ରହିଛି ରହିବି ତୋରି ପାଇଁ' ଏବଂ 'ତୋ ଅଗଣାର ତୁଳସୀ ମୁଁ' ଇତ୍ୟାଦି ଧାରାବାହିକରେ ଅଭିନୟ କରି ଦର୍ଶକଙ୍କର ଖୁବ୍ ପ୍ରଶଂସା ପାଇସାରିଲିଣି। ଆଉ ଏବେ ମୁଁ ଦେବଗଡ଼ସ୍ଥିତ ଧରଣୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିବା ସଙ୍ଗେ ସଙ୍ଗେ କଟକର 'ପାୟଲ୍ ଅର୍କେଷ୍ଟ୍ରା' ଓ 'ସଙ୍ଗୀତ ଧୂମ୍ ଅର୍କେଷ୍ଟ୍ରା'ରେ ଗୀତ ଗାଇବା ସହ ଆଙ୍କରିଂ, ଭୁବନେଶ୍ୱରର 'ବିଶ୍ୱଭାରତୀ ଡ୍ୟାନ୍ସ ଗ୍ରୁପ୍'ରେ ଆଙ୍କରିଂ, ସମ୍ବଲପୁରର 'ମା' ତୋର ସାହାରା ମେଲୋଡି'ରେ ଗୀତ ଗାଇବା ଓ ଆଙ୍କରିଂ, ସୋନପୁରର 'ଶାଶ୍ୱତ ମେଲୋଡି'ରେ ଗୀତ ଗାଇବା ଓ ଆଙ୍କରିଂ ଏବଂ ଦେବଗଡ଼ର 'ମା' ଅମ୍ବିକା ଭଜନ ସାଗର ଓ ମେଲୋଡି'ରେ ଗୀତ ଗାଇବା ସହ ଆଙ୍କରିଂ କରିବାର ଦାୟିତ୍ୱ ମଧ୍ୟ ତୁଲାଉଛି।

*–ଶଶାଙ୍କ ଶେଖର ଝାଙ୍କର*

ପ୍ରତିବର୍ଷ ଚୈତ୍ରମାସରେ ମା'ମଙ୍ଗଳାଙ୍କ ପୀଠରେ ପାଳିତ ହୋଇଥାଏ କାଳିକା ନୃତ୍ୟ। ଏହି ନୃତ୍ୟ ମାଧ୍ୟମରେ ଜଣାଇ ଦିଆଯାଏ ଯେ ମଙ୍ଗଳା ହେଉଛନ୍ତି ମା' ଦୁର୍ଗା ଓ କାଳୀ...



# କାକଟପୁର କାଳିକା ନୃତ୍ୟ





**ମା' ମଙ୍ଗଳାଙ୍କ ପର୍ବ–** ପୁରୀ ଜିଲା କାକଟପୁରରେ ବିରାଜମାନ ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ହେଉଛନ୍ତି ପରମ ବୈଷ୍ଣବୀ। ମା'ଙ୍କ ମନ୍ଦିର ସହିତ ପୁରୀ ଶ୍ରୀମନ୍ଦିରର ବହୁ ପାରମ୍ପରିକ ସମ୍ପର୍କ ରହିଛି । ନବକଳେବର ସମୟରେ ଶ୍ରୀଜୀଉମାନଙ୍କ ଦାରୁ ଠାବ ସମ୍ପର୍କରେ ଦଇତାପତି ସେବକମାନଙ୍କୁ ମା'ଙ୍କ ସ୍ୱପ୍ନାଦେଶ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମା' ମଙ୍ଗଳାଙ୍କ ବିଭିନ୍ନ ଅବତାର ମଧ୍ୟରୁ ମୁଖ୍ୟତଃ ମା'ଦୁର୍ଗା ଓ କାଳୀଙ୍କ ରୂପ ସ୍ୱତନ୍ତ୍ର। ଶାରଦୀୟ ପର୍ବରେ ମା' କନକଦୁର୍ଗାଙ୍କୁ ପୂଜା କରାଯାଇଥାଏ ଏବଂ ବାସନ୍ତିକ ପୂଜା ସମୟରେ ମା'ଙ୍କ ଷୋଡ଼ଶ ଉପଚାର ପୂଜାବିଧି କରାଯାଇଥାଏ। କିନ୍ତୁ ଚୈତ୍ରମାସରେ ମା'ମଙ୍ଗଳାଙ୍କ ମନ୍ଦିରରେ ପାଳିତ ହେଉଥିବା କାଳିକା ନୃତ୍ୟ ଭକ୍ତଙ୍କ ମନରେ ଏକ ନିଆରା ଭାବ ସୃଷ୍ଟି କରିଥାଏ।

**କାଳିକା ନୃତ୍ୟ ପରମ୍ପରା–** ମା'ମଙ୍ଗଳାଙ୍କ ପୂଜାପଣ୍ଡା ଲଳିତ କୁମାର ଦୀକ୍ଷିତ କୁହନ୍ତି, ମା'ଙ୍କ ମନ୍ଦିରରେ କାଳିକା ନୃତ୍ୟ ପରମ୍ପରା କେଉଁକାଳରୁ ପ୍ରଚଳିତ ରହିଛି । ଚୈତ୍ରମାସର ତୃତୀୟ, ଚତୁର୍ଥ, ପଞ୍ଚମ ମଙ୍ଗଳବାର ରାତିରେ ମା'ମଙ୍ଗଳାଙ୍କ ମନ୍ଦିରରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥାଏ। କାଳିକା ନୃତ୍ୟ ଏହି ମନ୍ଦିରର ଏକ ଅନନ୍ୟ ପରମ୍ପରା ଭାବେ ପ୍ରଚଳିତ। ଏହି ପର୍ବରେ ମାନସିକଧାରୀମାନେ ସମାଗମ ହୋଇଥାନ୍ତି।

**ଘଣ୍ଟପାଟୁଆଙ୍କ ପାଣିତୋଳା –** ବିଭିନ୍ନ ସ୍ଥାନରେ ଅବସ୍ଥିତ ଦେବଦେବୀଙ୍କ ପୀଠରେ ପଣାସଙ୍କ୍ରାନ୍ତି ଦିନ ଝାମୁଯାତ୍ରା ପାଳିତ ହେଉଥିବାବେଳେ ଚୈତ୍ରମାସର ୫ମ ମଙ୍ଗଳବାର ମା'ଙ୍କ ପୀଠରେ ଝାମୁଯାତ୍ରା ହୋଇଥାଏ। ଏବଂ ନେତ ଉତ୍ସବ ପରେ ପ୍ରତି ମଙ୍ଗଳବାର ଜଗତ୍‌ସିଂହପୁର ଅଞ୍ଚଳର ଘଣ୍ଟପାଟୁଆ ଓ ସ୍ଥାନୀୟ ଅଞ୍ଚଳର ପାଟୁଆମାନେ ମା'ଙ୍କ ମନ୍ଦିରଠାରୁ ଏକ ପାରମ୍ପରିକ ପଟୁଆର ଶୋଭାଯାତ୍ରାରେ ବାହାରି ନିକଟସ୍ଥ ପ୍ରାଚୀନଦୀର ଘଣ୍ଟତୋଳା ତୁଠକୁ ଯାଇଥାନ୍ତି। ସେଠାରେ ପାଟୁଆମାନେ ନିଜ ନିଜର ଘଟ ସ୍ଥାପନ କରିବା ସହିତ ପାଣିତୋଳି ମନ୍ଦିରକୁ ଫେରି ମା'ଙ୍କ ସ୍ତୁତି ଗାନ କରିଥାନ୍ତି। ଏଠାରେ ପୂଜାପଣ୍ଡା ସେମାନଙ୍କୁ ମା'ଙ୍କ ଆଜ୍ଞାମାଳ ପ୍ରଦାନ କରନ୍ତି। ଏହାପରେ ମନ୍ଦିର ବେଢ଼ା ଏବଂ ସିଂହଦ୍ୱାର ସମ୍ମୁଖରେ ପାଟୁଆନୃତ୍ୟ ଅନୁଷ୍ଠିତ ହୋଇଥାଏ। କିନ୍ତୁ ୧ମ, ଦ୍ୱିତୀୟ, ୩ୟ ଓ ୪ର୍ଥ ମଙ୍ଗଳବାରେ ପାଳିଯାତ୍ରା ପାଳନ ହୋଇଥାଏ। ଏହି ଅବସରରେ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ। ମାତ୍ର କାଳିକା ନୃତ୍ୟ ରାତିରେ ହୋଇଥାଏ।

**ଖମାରେଇ ସେବକଙ୍କ କାଳିକା ନୃତ୍ୟ–** ରାଜକିଶୋର ସ୍ୱାଇଁ କୁହନ୍ତି, ଆମେ ମା'ମଙ୍ଗଳାଙ୍କ ଖମାରେଇ ସେବକ ଭାବେ ପରିଚିତ। ଚୈତ୍ରମାସର ମଙ୍ଗଳବାରେ ପାଳିତ ହେଉଥିବା ପାଳିଯାତ୍ରାକୁ ବଂଶାନୁକ୍ରମିକ ଭାବେ ପାଳନ କରିଆସୁଛୁ। ମା'ଙ୍କ ସେବା କରିବାରେ ଆତ୍ମସନ୍ତୋଷ ମିଳେ ଏବଂ କାଳିକା ନୃତ୍ୟ ପାଇଁ ଦୋଳ ପୂର୍ଣ୍ଣିମାଠାରୁ ଶୁଦ୍ଧପୂତଭାବେ ମୋତେ ପ୍ରସ୍ତୁତ ହେବାକୁ ପଡ଼ିଥାଏ। ଏଥିପାଇଁ ଭକ୍ତି ଓ ନିଷ୍ଠାରେ ମାସଟି କାଟିବାକୁ ପଡ଼େ। ପ୍ରତି ମଙ୍ଗଳବାରେ କେବଳ ମା'ଙ୍କ ପ୍ରସାଦ ସେବନ କରିଥାଉ। ତୃତୀୟ ମଙ୍ଗଳବାର ରାତିରେ ସ୍ନାନକରି ନୂଆବସ୍ତ୍ର ପରିଧାନ କରି ମା'ଙ୍କ ମନ୍ଦିରରେ ପହଞ୍ଚି ନିଜକୁ କାଳୀବେଶରେ ସଜ୍ଜିତ କରିଥାଏ। ମା'ମଙ୍ଗଳାଙ୍କୁ ଦର୍ଶନ କରିବା ସହିତ ମା'ଙ୍କ ସ୍ତୁତିଗାନ କରିଥାଏ। ପୂଜାପଣ୍ଡାଙ୍କଠାରୁ ଆଜ୍ଞାମାଳ ଓ ଖଣ୍ଡା ପାଇବା ପରେ ସାଥୀ ସେବକଙ୍କ ଘଣ୍ଟର ତାଳେତାଳେ ହାତରେ ଖଣ୍ଡା ଧରି କାଳିକା ନୃତ୍ୟ କରିଥାଏ। ଏହି ସମୟରେ ଆଉ ଜଣେ ସେବକ ଗୋଟିଏ ବେତକୁ ଗୋଲାକାର କରି ଏକ ବୃତ୍ତାକାର ପରିସୀମା ମଧ୍ୟରେ କାଳିକା ନୃତ୍ୟକୁ ପରିଚାଳନା କରାଇଥାନ୍ତି। ପ୍ରଥମେ ମନ୍ଦିର ପରିକ୍ରମା କରାଯାଇଥାଏ। ଏହାପରେ ସେବକସାହିରେ କାଳିକା ନୃତ୍ୟ ପରିବେଷଣର ଶେଷରେ ସେବକ ଜଣକ ଅଚେତ ହୋଇପଡ଼ନ୍ତି। ଏହା ମା'ଙ୍କ ପ୍ରତି ସମର୍ପଣ ଭାବ ବୋଲି ବିଶ୍ୱାସ କରନ୍ତି।

–ବନବିହାରୀ ବେହେରା
ସନ୍ତୋଷ କୁମାର ଦାଶ

# ଆଗେ କୃପା, ପରେ ସଙ୍କଟ

ଆଗେ କେଉଁଟା ? ବିପଦ ନା ହରିକୃପା। ଏହାର ଉତ୍ତର ଦୁଇଟା ହେବ। ଗୋଟିଏ ଆସ୍ତିକମାନଙ୍କ ପାଇଁ, ଆଉ ଗୋଟିଏ ନାସ୍ତିକମାନଙ୍କ ପାଇଁ। ନାସ୍ତିକମାନେ ଈଶ୍ୱରଙ୍କୁ ମାନନ୍ତି ନାହିଁ। ତେଣୁ 'ହରି' ବା 'କୃପା' ସହ ତାଙ୍କର ନେଣଦେଣ କ'ଣ ?
ଆଉ ଯିଏ ହରିକୁ ଡାକୁଛି, ତା' ଉପରେ ବହୁ ଦୁଃଖ। ବହୁ ବିପଦ ଥାଏ। ଏକଥା ଅନ୍ୟ କେହି ନୁହେଁ, ଖୋଦ୍ ଭକ୍ତଲୋକଟି ଅନ୍ୟମାନଙ୍କ ଆଗରେ କହୁଥିବାର ନଜର ଅଛି। ଆପଣମାନେ ବି ସଂସାରରେ ଦେଖୁଥିବେ, ଯେଉଁମାନେ ଯାବତୀୟ ଅନ୍ୟାୟ, ଅନୀତି, ଚୋରି, ଠକେଇ ଆଦିରେ ଲିପ୍ତଥିବେ ସେମାନେ ଭୁସ୍‌ଭୁସ୍ ହୋଇ ଉପରକୁ ଉଠୁଥିବେ। ଧନ, କ୍ଷମତା କେଉଁଥିରେ ତାଙ୍କର ଅଭାବ ନ ଥିବ।
ଆଉ ଯିଏ ଈଶ୍ୱର ପରାୟଣ, ଆଦର୍ଶ, ସଚ୍ଚୋଟ ଆଉ ନୀତିବାନ୍ ସଂସାର ଯାକର ସବୁ ଦୁଃଖ ତା' ଉପରେ। ମୁଁ ଅନେକ ଭକ୍ତ ତଥା ନୀତିବାନ୍ ବ୍ୟକ୍ତିଙ୍କୁ ଦେଖିଛି। ଦୁଃଖ ଓ ବିପଦରେ ସେମାନେ ବାରମ୍ବାର ଉବୁଟୁବୁ ହେବା ପରେ କୁହନ୍ତି–ଯା'ମ.., ଏତେ ସଚ୍ଚୋଟରେ



ଚିନ୍ମୟ ଚିନ୍ତନ

ରହି ଯଦି ଏହି ଫଳ ମିଳିଲା, ତେବେ ଆଉ ଠାକୁର ଫାକୁରଙ୍କୁ ପୂଜିବିନି। ଏଣିକି ମୁଁ ଚୋରି, ଟାଉଟରିରେ ମାତିବି। ହେଲେ ସାବଧାନ ବନ୍ଧୁ! ଜଣେ ଭକ୍ତ ଉପରକୁ ବିପଦ ଆସେ ସତ, କିନ୍ତୁ ତା' ପୂର୍ବରୁ ହରିକୃପା ଆସି ପହଞ୍ଚିଥାଏ। ଏ ବିଶ୍ୱାସ ଟିକକ ରଖନ୍ତୁ ନା'। ଶୁଣନ୍ତୁ 'ଶ୍ରୀରାମଚରିତ ମାନସ'ର ଏହି ଛୋଟିଆ ତଥା ସିଦ୍ଧାନ୍ତପୂର୍ଣ୍ଣ ପ୍ରସଙ୍ଗଟିକୁ..

ଲଙ୍କାର ଅଶୋକ ବନରେ ମା' ସୀତା।
ଦିନେ ହଠାତ୍ ରାବଣ ଚନ୍ଦ୍ରହାସ୍ୟ ଖଡ୍‌ଗ ଧରି ସେଠାରେ ପହଞ୍ଚିଗଲା। ସାଙ୍ଗରେ ମହାରାଣୀ ମନ୍ଦୋଦରୀ ବି ଥାଆନ୍ତି। ରାବଣ ସୀତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଲା, ଧମକ ଚମକ ଦେଲା।ହେଲେ ତା' ପୂର୍ବରୁ ସେଇ ଅଶୋକ ବୃକ୍ଷରେ ହନୁମାନ 'ରାମ ମୁଦ୍ରିକା' ଧରି ବସିଛନ୍ତି। ମା' ସୀତା ଉଁ କି ଚୁଁ କିଛି ନ କହିବାରୁ ରାବଣ ମାରିବା ପାଇଁ ଖଡ୍‌ଗ ଉଠାଇଲା। ହେଲେ ପାଖରେ ଥିବା ମନ୍ଦୋଦରୀ ରାବଣର ହାତକୁ ଚଟ୍‌କରି ଧରିପକାଇଲେ। ବାସ୍ତବରେ ମନ୍ଦୋଦରୀ ସେଦିନ ଯଦି ନ ଥାନ୍ତେ, ତେବେ ରାବଣ ସୀତାଙ୍କୁ ମାରିଦେଇଥାନ୍ତା।
ସର୍ବଦା ରାମଙ୍କ ଧ୍ୟାନରେ ରତ ଥିବା ମା' ସୀତାଙ୍କ ଉପରକୁ ରାବଣ ରୂପୀ ବିପଦ ଆସୁଛି ମାନେ, ପ୍ରଭୁ ତା' ପୂର୍ବରୁ ମନ୍ଦୋଦରୀ ରୂପକ 'କୃପା'କୁ ସେଟିଂକରି ପଠାଇଛନ୍ତି। ରାବଣ ଧମକଦେଇ ଚାଲିଗଲା ପରେ ସୀତା ଅଧିରା ହୋଇପଡ଼ିଲେ। ଏବେ ପୁଣି ବର୍ଷଣ ହେଲା ରାମକୃପା। ବୃକ୍ଷ ଉପରେ ଥିବା ହନୁମାନ କ୍ରନ୍ଦନରତା ସୀତାଙ୍କ ଉପରକୁ ମୁଦ୍ରିକାଟିକୁ ଫୋପାଡ଼ି ଦେଇ ଆଶ୍ୱାସନାର ମାହୋଲଟିଏ ତିଆରି କରିଦେଲେ। ଇଏ କ'ଣ ଛୋଟିଆ କଥା। ଆମେ କିନ୍ତୁ ଏଗୁଡ଼ାକ କିଛି ବୁଝୁନୁ। ଗପ ପଢ଼ିବା ପରେ ରାମାୟଣ ପଢ଼ିଦେଉଛୁ। ମନେରଖନ୍ତୁ ପାଠକେ! ରାମାୟଣ ଟୁଆଁଟୁଇଁ ଗପ ନୁହେଁ। ଏଥିରେ ଜୀବନ ଜିଇଁବାର ସୂତ୍ର ରହିଛି।

ଈଶ୍ୱରଙ୍କ ଭକ୍ତମାନଙ୍କୁ ଏତିକି କହିବି– ଆପଣମାନେ ବିପଦରେ କେବେ ଅଧୀର ହେବେ ନାହିଁ। ଯଦି ଆପଣଙ୍କର ଦୃଢ଼ ଈଶ୍ୱର ବିଶ୍ୱାସ ଅଛି, ତେବେ ବିପଦ ଆସିବା ପୂର୍ବରୁ 'ହରିକୃପା' ରେଡି ହୋଇ ଥୁଆହୋଇଥିବ।

–**ଶ୍ରୀସନ୍ନ୍ୟାସୀ**
ଦିବ୍ୟାଲୋକ ସନ୍ଧାନେ, କଟକ – ୭୫୪୦୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସସ୍ମିତା

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ- କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଏମ୍ଏସ୍

ଶିକ୍ଷକ ପପୁକୁ-ମାଇକ୍ରୋସଫ୍ଟ ପ୍ରଡକ୍ଟର ଯେକୌଣସି ୪ଟି ନାମ କୁହ।
ପପୁ- ଏମ୍ଏସ୍ ୱାର୍ଡ, ଏମ୍ଏସ୍ ଏକ୍ସେଲ୍, ଏମ୍ଏସ୍ ପାୱାର୍ ପଏଣ୍ଟ...
ଶିକ୍ଷକ- ଆଉ ଗୋଟେ କ'ଣ ?
ପପୁ କିଛି ସମୟ ଭାବିବା ପରେ- ଏମ୍ଏସ୍ ଧୋନୀ।

### ମଝିରେ

ରାକେଶ ମୋହନକୁ- ଆରେ ମୁଁ ଯେତେବେଳେ ଯୋଉ କାମ କରୁଛି, ମୋ ସ୍ତ୍ରୀ ମଝିରେ ପଶୁଛି।
ମୋହନ- ତୁ ଗୋଟେ କାମ କର। ଟ୍ରକ ଚଲାଇବା ଆରମ୍ଭ କରିଦେ। ତୋ ସମସ୍ୟାର ସମାଧାନ ହେଇଯିବ।

### ଚୁଟି

ଜଣେ ବୃଦ୍ଧ ଲୋକ ସେଲୁନ୍ ଯାଇଥାଆନ୍ତି। ତାଙ୍କ ମୁଣ୍ଡରେ ମାତ୍ର ୧୦-୧୨ଟି ଚୁଟି ଥାଏ।
ବୃଦ୍ଧ ବ୍ୟକ୍ତି ଯାଇ ସେଲୁନ୍ ଚେୟାର୍‌ରେ ବସିପଡିଲେ।
ସେଲୁନ୍‌ବାଲା- ଆଜ୍ଞା, ମୁଁ କେଶ ଗଣିବି ନା, କାଟିବି ?
ବୃଦ୍ଧ ବ୍ୟକ୍ତି- କଲର୍ କରିଦିଅ।

# କମ୍ବଲାକୋଣ୍ଡା ବନ୍ୟପ୍ରାଣୀ ଅଭୟାରଣ୍ୟ

**କମ୍ବଲାକୋଣ୍ଡା ବନ୍ୟପ୍ରାଣୀ ଅଭୟାରଣ୍ୟ ହେଉଛି ଆନ୍ଧ୍ରପ୍ରଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ବିରଳ ପଶୁପକ୍ଷୀଙ୍କୁ ଦେଖିବା ସହ ଟ୍ରେକିଂ ଓ ବୋଟିଂର ମଜା ନେବା ପାଇଁ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ ଏଠାରେ।**

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ କମ୍ବଲାକୋଣ୍ଡା ବନ୍ୟପ୍ରାଣୀ ଅଭୟାରଣ୍ୟ ହେଉଛି ଏଠାକାର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ୧୯୭୦ ମସିହାରୁ ଏହା ଆନ୍ଧ୍ରପ୍ରଦେଶ ବନ୍ୟ ବିଭାଗ ତତ୍ତ୍ୱାବଧାନରେ ରହିଆସିଛି। ତା' ପୂର୍ବରୁ ଏହି ଅଞ୍ଚଳ ବିଜୟନଗରମ୍ ମହାରାଜାଙ୍କ ଅଧୀନରେ ଥିଲା। କମ୍ବଲାକୋଣ୍ଡା ନାମକ ସ୍ଥାନୀୟ ଏକ ପାହାଡର ନାମାନୁସାରେ ଅଭୟାରଣ୍ୟଟିର ଏପରି ନାମକରଣ ହୋଇଥିବା ଅନୁମାନ କରାଯାଏ। ପ୍ରାୟ ୭୦.୭୦ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ଏହି ଅଭୟାରଣ୍ୟଟି ଖାସ୍ କରି ଚିତାବାଘଙ୍କ ପାଇଁ ଲୋକପ୍ରିୟତା ହାସଲ କରିପାରିଛି।

### କ'ଣ ଦେଖିବେ

ଛୋଟ ଛୋଟ ପାହାଡ ତଥା ସବୁଜ ବୃକ୍ଷଲତା ଦ୍ୱାରା ଘେରି ହୋଇ ରହିଥିବା ଏହି ଅଭୟାରଣ୍ୟରେ ବହୁ ବିରଳ ପଶୁପକ୍ଷୀଙ୍କ ସମେତ ବିଭିନ୍ନ ଔଷଧୀୟ ବୃକ୍ଷଲତା ବି ଦେଖିବାକୁ ମିଳିଥାଏ। ପଶୁମାନଙ୍କ ମଧ୍ୟରେ ଚିତାବାଘ, ବିଲୁଆ, ଜଙ୍ଗଲୀ କୁକୁର, ଠେକୁଆ, ଜଙ୍ଗଲୀ ଘୁଷୁରି, ଝିଙ୍କ, ଚିତ୍ରା ବିଲେଇ, ଜଙ୍ଗଲୀ ବିଲେଇ, ହରିଣ, ନେଉଳ, ଶମ୍ବର, ଚିତ୍ରା ହରିଣ, ବଜ୍ରକାପ୍ତା ଇତ୍ୟାଦିକୁ ଏଠାରେ ଦେଖିହୁଏ। ଅନ୍ୟପକ୍ଷେ ପକ୍ଷୀମାନଙ୍କ ମଧ୍ୟରେ ମୁଖ୍ୟତଃ ଇଣ୍ଡିଆନ୍ ପାରାଡାଇଜ୍ ଫ୍ଲାଏକ୍ୟାଚର୍, ଗ୍ରେ ଫ୍ରାଙ୍କୋଲିନ୍, ସ୍ପଟେଡ୍ ଡୋଭ୍, ଇଣ୍ଡିଆନ୍ ଗୋଲ୍ଡେନ୍ ଓରିଓଲେ, ବ୍ଲାକ୍ ଡ୍ରୋଙ୍ଗୋ, ରୁଫୋସ୍ ଟ୍ରିପାଏ, ଇଣ୍ଡିଆନ୍ ପିଫୋ, ଲାଫିଙ୍ଗ୍ ଡୋଭ୍ ଇତ୍ୟାଦି ଏଠାରେ ଦେଖିବାକୁ ମିଳିଥାଏ। ତା'ଛଡ଼ା ଏକାଧିକ ପ୍ରଜାତିର ପ୍ରଜାପତି ତଥା ସାପକୁ ଦେଖିବା ଏଠାକାର ଅନ୍ୟତମ ଆକର୍ଷଣ। କେବଳ ସେତିକି ନୁହେଁ ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ କିସମର ବିରଳ ଔଷଧୀୟ ବୃକ୍ଷଲତା ବି ଅନେକ ଉଦ୍ଭିଦବିଜ୍ଞାନୀଙ୍କୁ ଏଠାକୁ ବୁଲି ଆସିବାକୁ ବାଧ୍ୟ କରିଥାଏ।

### କେବେ ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ସମୟରେ ଏହି ଅଭୟାରଣ୍ୟକୁ ବୁଲି ଗଲେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାର ଭଲ ସୁଯୋଗ ମିଳିଥାଏ। ସୂଚନାନୁଯାୟୀ, ପର୍ଯ୍ୟଟକଙ୍କ ଦର୍ଶନ ନିମନ୍ତେ ଉକ୍ତ ଅଭୟାରଣ୍ୟଟି ସକାଳ ୯ରୁ ଅପରାହ୍ନ ୪.୩୦ ଯାଏ ଖୋଲା ରହିଥାଏ।

### କେମିତି ଯିବେ

ବିଶାଖାପାଟଣା ସହରଠାରୁ ପ୍ରାୟ ୨୦ କି.ମି. ଦୂରରେ ଥିବା ଏହି ଅଭୟାରଣ୍ୟ ନିକଟକୁ ଯିବା ପାଇଁ ଗମନାଗମନର ଭଲ ବ୍ୟବସ୍ଥା ରହିଛି। ବିଶାଖାପାଟଣା ଏୟାର୍‌ପୋର୍ଟ ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର, ଯେଉଁଠାକୁ ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ, ହାଇଦ୍ରାବାଦ୍ ଆଦି ସ୍ଥାନରୁ ନିୟମିତ ବ୍ୟବଧାନରେ ବିମାନ ଚଳାଚଳ କରିଥାଏ। ସେହିପରି ବିଶାଖାପାଟଣା ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ଏକ ପ୍ରମୁଖ ରେଳଷ୍ଟେଶନ। ତା'ଛଡ଼ା ବସ୍ ଯୋଗେ ବି ଅଭୟାରଣ୍ୟ ନିକଟକୁ ଯିବାର ସୁବିଧା ରହିଛି।

### ଟ୍ରେକିଂ ସହ ବୋଟିଂର ମଜା ନେଇପାରିବେ

ଅଭୟାରଣ୍ୟ ମଧ୍ୟରେ ଥିବା ଛୋଟ ଛୋଟ ପାହାଡ ଉପରକୁ ଟ୍ରେକିଂରେ ଯିବା ପାଇଁ ଏଠାରେ ବେଶ୍ ସୁବିଧା ରହିଛି। ତା'ଛଡ଼ା ଏହି ଟ୍ରେକିଂ ଏକ ଅଦ୍ଭୁତ ଅନୁଭବ ଦେଉଥିବାରୁ ଏହାର ମଜା ନେବା ପାଇଁ ଅନେକ ଦୁଃସାହସିକ ପର୍ଯ୍ୟଟକଙ୍କର ଏଠାରେ ଭିଡ଼ ଜମେ। ସେହିପରି ଅଭୟାରଣ୍ୟ ଭିତରେ ଏକ ଛୋଟ ହ୍ରଦ ବି ରହିଛି, ଯେଉଁଠାରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବୋଟିଂର ବ୍ୟବସ୍ଥା କରାଯାଇଛି।

### ଏଣ୍ଟ୍ରି ଟିକେଟ୍ ପଡିଥାଏ

ଅଭୟାରଣ୍ୟ ଭିତରକୁ ଯିବା ପାଇଁ ପର୍ଯ୍ୟଟକଙ୍କୁ ଏଣ୍ଟ୍ରି ଟିକେଟ୍ କାଟିବାକୁ ହୋଇଥାଏ। ଗାଡ଼ି ପାର୍କିଂ ତଥା କ୍ୟାମେରା ପ୍ରବେଶ ପାଇଁ ଅଲଗା ଟିକେଟ୍ ବି କାଟିବାକୁ ପଡିଥାଏ।



















# ଅଜଗରର ଦାନ୍ତ ଘଷାଏ, କୁମ୍ଭୀରକୁ ମେକ୍‌ଅପ୍ କରାଏ କୁନି ଝିଅ

ଛୋଟ ପିଲାମାନେ ଡକ୍ଟର ଡକ୍ଟର ଖେଳିବାକୁ ବହୁତ ଭଲ ପାଆନ୍ତି। ଆଉ ସେମାନେ ନିଜର ସଫ୍ଟ ଟୟ ସହ ଏହି ଖେଳ ଖେଳନ୍ତି। କିନ୍ତୁ ଇଣ୍ଡୋନେସିଆର ଏକ ୪ ବର୍ଷର ଝିଅ ଡାକ୍ତର ଖେଳ ଖେଳନ୍ତି ଏକ ବିରାଟକାୟ ସତସତିକା ଅଜଗର ସାପ ଓ କୁମ୍ଭୀର ସହ। ଝିଅଟିର ନାଁ ହେଉଛି ମହାରାନୀ। ଏହି କୁନି ଝିଅଟିର କିଛି ଭିଡିଓ ଏବେ ଭାଇରାଲ ହେବାକୁ ଲାଗିଛି, ଯେଉଁଥିରେ ସେ ଏକ ବଡ ଅଜଗର ସାପକୁ ବ୍ରଶ କରାଉଥିବା ଓ କୁମ୍ଭୀରକୁ ପାଉଡର ଲଗାଇ ମେକ୍‌ଅପ୍ କରାଉଥିବା ଦେଖିବାକୁ ମିଳେ। ଆଉ ଏହି ଭିଡିଓ ବାସ୍ତବ ମଧ୍ୟ। ମହାରାନୀଙ୍କ ବାପା ଆହତ ହୋଇଥିବା ଜୀବଜନ୍ତୁଙ୍କୁ ଘରକୁ ଆଣି ଚିକିତ୍ସା କରାଇଥାଆନ୍ତି। ତେଣୁ ମହାରାନୀ ମାତ୍ର ୨ ବର୍ଷ ବୟସ ବେଳୁ ବିଷାକ୍ତ ଓ ହିଂସ୍ର ଜୀବଜନ୍ତୁଙ୍କ ସଂସ୍ପର୍ଶରେ ଆସିଛନ୍ତି। ସେ ଜୀବଜନ୍ତୁଙ୍କୁ ବହୁତ ଭଲ ପାଏ। ପ୍ରଥମେ ପ୍ରଥମେ ଯେତେବେଳେ ଏହି ହିଂସ୍ର ପ୍ରାଣୀଙ୍କ ସହ ମହାରାନୀ ମିଶିବା ଆରମ୍ଭ କଲେ ତାଙ୍କ ବାପା ବି ଡରୁଥିଲେ। ହେଲେ ମହାରାନୀର ସେମାନଙ୍କ ସହ ସହଜରେ ମିଶିଯିବା ଦେଖି ଆଶ୍ଚର୍ଯ୍ୟ ହେଉଥିଲେ। ତଥାପି ସେ ଝିଅକୁ ବୁଝାଉଥିଲେ ସେମାନଙ୍କ ସହ କିଭଳି ବ୍ୟବହାର କରିବା ଉଚିତ। ଏବେ ମହାରାନୀ ଭଲଭାବେ ଜାଣିଗଲେଣି ସେମାନଙ୍କ ସହ କିଭଳି ବ୍ୟବହାର କରାଯିବ ଓ କ'ଣ କରା ନ ଯିବ। ଆଉ ସେ ବେଶ୍ ଚତୁରତା ଓ ସହଜଭାବେ ସେମାନଙ୍କ କ୍ଷତ ସ୍ଥାନର ଚିକିତ୍ସା କରନ୍ତି। ମହାରାନୀଙ୍କ ବାପା କହନ୍ତି, 'ମୋ ମା' ଯେବେ ଅଜଗରର ଚିକିତ୍ସା କରୁଥିଲେ ତାଙ୍କ ହାତକୁ ସେ ମୋଡି ଦେଇ କଷ୍ଟ ଦେଉଥିଲା। ହେଲେ ମହାରାନୀ ଯତ୍ନ ନେଲାବେଳେ ସେମାନେ ବେଶ୍ ସହଜରେ ଦେଖେଇ ଦିଅନ୍ତି ନିଜର କ୍ଷତ ସ୍ଥାନକୁ। ଠିକ୍ ଯେମିତି ପାଟିରେ ଅଲ୍‌ସର୍ ହୋଇଥିବା ଏହି ଅଜଗର ବେଶ୍ ସହଜରେ ମହାରାନୀକୁ ଦେଖେଇ ଦେଉଛି ବ୍ରଶ୍ କରାଇବାକୁ। ଏବେ ମହାରାନୀର ବାପା ବି ମହାରାନୀକୁ ନେଇ ଆଦୌ ଚିନ୍ତିତ ନୁହନ୍ତି। ମହାରାନୀ ନିଃସଙ୍କୋଚରେ ସେମାନଙ୍କର ଚିକିତ୍ସା କରୁଛି ଓ ଖେଳୁଛି ମଧ୍ୟ।

## କାର୍ଟୁନ କର୍ନର



# ଜିନୁଙ୍କ ଜୀବନ ଯାତ୍ରା

ନିରଞ୍ଜନ ବିଶ୍ୱାଳ କହିଲେ ଖୁବ୍ କମ୍ ଲୋକ ଜାଣିବେ। ମାତ୍ର ଜିନୁ ବୋଲି କହିଦେଲେ ସମସ୍ତେ ଚିହ୍ନିନେବେ ତାଙ୍କୁ। ଯଲିଉଡ୍‌ର ଯେଉଁ କେତେଜଣ ତରୁଣ ଅଭିନେତାଙ୍କୁ ଭବିଷ୍ୟତ ଯାତ୍ରାର ତାରକା ବୋଲି ବିବେଚନା କରାଯାଉଛି ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ଜିନୁ। ଜଗତ୍‌ସିଂହପୁର ଜିଲାର ନାଉଗାଁ ଅନ୍ତର୍ଗତ ଗାରୋଇଠାରେ ଧୀରେନ୍ଦ୍ର ବିଶ୍ୱାଳ ଓ ଶାନ୍ତିଲତା ବିଶ୍ୱାଳଙ୍କ କୋଳରେ ଜିନୁଙ୍କ ଜନ୍ମ। ପିଲାଟି ବେଳୁ ନାଚ, ଗୀତ, ଯାତ୍ରା, ସିନେମା ପ୍ରତି ରୁଚି ରହିଥିଲା। ବାଟରେ ଯାଉ ଯାଉ ଗୀତଟିଏ ବାଜି ଉଠିଲେ ତାଙ୍କ ପାଦ ଅଟକି ଯାଉଥିଲା। ସେ ଯେଉଁ ସିନେମା ଦେଖୁଥିଲେ ତାହାର ଡାଏଲଗ୍ ସବୁ ଅବିକଳ କହିଦେଇ ପାରୁଥିଲେ। ସାଙ୍ଗସାଥୀମାନେ ବେଶ୍ ପ୍ରଶଂସା କରୁଥିଲେ ତାଙ୍କୁ। ସେହିଭଳି ସ୍କୁଲ୍‌ଡ୍ରାମାରେ ମଧ୍ୟ ଅଭିନୟ କରି ଶିକ୍ଷକ ତଥା ସହପାଠୀଙ୍କର ଶ୍ରଦ୍ଧା ଭାଜନ ହୋଇ ପାରୁଥିଲେ। ସମସ୍ତେ ତାଙ୍କୁ ଉତ୍ସାହିତ କରୁଥିଲେ। ସମସ୍ତଙ୍କଠୁ ଉତ୍ସାହିତ ହୋଇ ଜିନୁ ନିଷ୍ପତ୍ତି ନେଲେ କଳାକୁ ନେଇ କ୍ୟାରିଅର କରିବେ। ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖେଇବେ। ମାତ୍ର ରୋକ୍‌ଠୋକ୍ ମନା କରିଦେଲେ ବାପାମା'। ହେଲେ ମଉସା ଗୋପୀନାଥ ସାହୁ ଜିନୁଙ୍କୁ ସମର୍ଥନ କଲେ। ଆଉ ତାଙ୍କର ବାପାମା'ଙ୍କୁ ବୁଝେଇଲେ। ବହୁ କଷ୍ଟରେ ଜିନୁଙ୍କୁ ଅନୁମତି ମିଳିଲା। ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମା ବିଭାଗରେ ନାମ ଲେଖାଇଲେ। ପାଠ ପଢୁଥିବା ବେଳେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଥିଲା ଦୂରଦର୍ଶନରେ ପ୍ରସାରିତ 'ଉତ୍ତରଦାୟୀ' ଏବଂ 'ବସୁନ୍ଧରା' ଭଳି ଧାରାବାହିକରେ। ସେତିକିନୁହେଁ, ସେ ନ୍ୟାଶନାଲ ଟେଲିଭିଜନ ପାଇଁ ଅନେକ ବିଜ୍ଞାପନ କରିବା ସହିତ 'ନିଶାନ୍ତ' ନାମକ ଏକ ସର୍ବଭାରତୀୟ ନାଟକରେ ମଧ୍ୟ ଅଭିନୟ କରିଛନ୍ତି। ୨୦୦୮ରେ ଜିନୁ ପ୍ରଥମଥର କରି ପାଦଦେଲେ ଯାତ୍ରା ଜଗତରେ। ଆଉ ଏହା ପଛରେ ଥିଲା ପରିଚାଳକ ବଙ୍କିମ୍ ସ୍ୱାଇଁଙ୍କ ପ୍ରେରଣା। ପ୍ରଥମେ ଯାତ୍ରା ତ୍ରିରଙ୍ଗାରେ ଯୋଗଦେଇ ସେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ପରେପରେ ସଚ୍ଚିଦାନନ୍ଦମ୍, ତୁଳସୀ, ଯାତ୍ରାଗାଁ, ଇନ୍ଦ୍ରଭୁବନ ଆଦି ପାର୍ଟିରେ ଅଭିନୟ କରି ଏବେ ଆସି ପହଞ୍ଚିଛନ୍ତି ଯାତ୍ରା ସ୍ୱର୍ଣ୍ଣମହଲରେ। ଜିନୁ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ସରକାରୀ ସ୍ୱାମୀ', 'ଓଢ଼ଣି ଖୋଲିବୁ ଧୀରେ ଧୀରେ', 'ଖଳନାୟିକା', 'ମୁଁ ନୁହେଁ ଅର୍ଦ୍ଧାଙ୍ଗିନୀ', 'ବଣମଣିଷ', 'କହି ହଉନି କି ସହି ହଉନି', 'ଏମିତି ଝିଅକୁ ବାହାହବା ମନା', 'ତୁ ମୋଦି ମୁଁ ଗାନ୍ଧୀ', 'ବାଃ ବାଃରେ ଉପରବାଲା' ଏବଂ ଆହୁରି ଅନେକ। ଏବେ ମୁଖ୍ୟତଃ ରୋମାଣ୍ଟିକ୍ ଭୂମିକା ପାଇଁ ଜିନୁଙ୍କୁ ନିର୍ଦ୍ଦେଶକମାନେ ଚୟନ କରୁଥିଲେ ମଧ୍ୟ ଜିନୁଙ୍କର ଇଚ୍ଛା ସେ ସବୁ ପ୍ରକାର ଅଭିନୟ କରିବେ। ଆଉ ନିଜ ଭିତରର ଭର୍ସାଟିଲିଟିକୁ ଲୋକଲୋଚନକୁ ଆଣିବେ। ଚଳିତବର୍ଷ ସ୍ୱର୍ଣ୍ଣମହଲରେ ଜିନୁଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଆମ ଗାଁ ଜଗନ୍ନାଥ ତୁମ ଗାଁ ଆଲ୍ଲା', 'ଗୀତାକୁ ଛୁଇଁଲେ ପାପ', 'ପ୍ରେମ ସବାରିରେ ପ୍ରୀତି ନାୟିକା'।





# ଖଳନାୟକ ଅଜୟ

"ଜିତା! ମୋତେ ନିଶା ହେବା ପରେ ମୁଁ ଆଦୌ ମିଛକଥା କହେନା। ଯାହା ବି କହେ ସବୁ ସତକଥା ହିଁ କହିଥାଏ। ବିଶ୍ୱାସ କର ଜିତା, ବାହାଘରର ଗୋଟାଏ ମାସ ପରେ ତମେ ଆଜି ଜାଣିବାକୁ ପାଇଲ, ତମ ସୁନାଗହଣା ଚୋରିକରି ମୁଁ ବିକି ଦେଇଛି। ଆଉ ସେଇ ପଇସାରେ ମୁଁ ମୋ ମେଡିସିନ୍ କିଣିଆଣିଛି।" ଏ ମେଡ଼ିସିନ ହେଉଛି ଡ୍ରଗ୍ସ। ଆଉ ସ୍ତ୍ରୀକୁ ଏଭଳି କଥା କହୁଥିବା ବ୍ୟକ୍ତିଜଣକ ହେଉଛି ଜଣେ ପ୍ରଚଣ୍ଡ ଡ୍ରଗ୍ ଆଡିକ୍ଟ। ଅନନ୍ତ ଓଝାଙ୍କ ରଚିତ ଏବଂ ବିନୋଦ ରାଉତଙ୍କ ନିର୍ଦ୍ଦେଶିତ ନାଟକ 'ମୋ ଭାଇ ମୁଣ୍ଡରେ ସୁନା ମୁକୁଟ'ରେ ରହିଥିଲା ଏମିତି ଏକ ଚରିତ୍ର, ଯାହାକୁ ନିଖୁଣତାର ସହିତ ଫୁଟାଇଥିଲେ ଓଡ଼ିଶା ଯାତ୍ରା ଜଗତର ଅନ୍ୟତମ ଖଳ ଅଭିନେତା ଅଜୟ ସ୍ୱାଇଁ। ନାଟକଟି ତାଙ୍କୁ ଦେଇଥିଲା ଆକାଶଛୁଆଁ ସଫଳତା। ନିଆଳି ବ୍ଲକ୍ ପୁଇଚନ୍ଦା ଗ୍ରାମରେ ଗନ୍ଧର୍ବ ସ୍ୱାଇଁ ଏବଂ ସୁନନ୍ଦା ସ୍ୱାଇଁଙ୍କ କୋଳରେ ଜନ୍ମ ହୋଇଥିବା ଅଜୟଙ୍କ ଯାତ୍ରା ଜୀବନ ଆରମ୍ଭ ହୋଇଥିଲା ଭୁବନେଶ୍ୱରର ନୟାପଲ୍ଲୀ ସ୍ଥିତ ୟୁରେକା କ୍ଲବ୍‌ରୁ। କ୍ଲବ୍ ଡ୍ରାମାରେ ସେ ଖଳନାୟକ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କ ଛାତିକୁ ଥରେଇ ଦେଉଥିଲେ। ମୂଳରୁ ସେ ଯାତ୍ରା ପ୍ରତି ଥିଲେ ଦୁର୍ବଳ। ତେଣୁ ଟାଣି ହୋଇ ଆସିଥିଲେ ପେସାଦାର ଯାତ୍ରାପାର୍ଟିକୁ। ତେବେ ଯାତ୍ରାକୁ ଯେ ପେସା କରିବେ ସେକଥା ସେ ଭାବି ନ ଥିଲେ। 'ମୁକ୍ତେଶ୍ୱର ଅପେରା'ରେ ଯୋଗଦେଇ ସେ ଆରମ୍ଭ କରିଥିଲେ ତାଙ୍କ ପେସାଦାର ଯାତ୍ରା ଜୀବନ। ଚଳିତ ବର୍ଷ ସେ ଅଭିନୟ କରୁଛନ୍ତି 'ଯାତ୍ରା ଇନ୍ଦ୍ରମହଲ'ରେ। ଇତିମଧ୍ୟରେ ଦୀର୍ଘ ପନ୍ଦର ବର୍ଷରୁ ଊର୍ଦ୍ଧ୍ୱକାଳ ସେ ଯାତ୍ରା ଜଗତରେ ଅତିବାହିତ କରି ସାରିଲେଣି। ବହୁ ସଫଳ ନାଟକରେ ଅଭିନୟ କରିଛନ୍ତି। ସେସବୁ ମଧ୍ୟରେ ରହିଛି 'ମହୁରି ବାଜିବ ଗଉରି ପାଇଁ', 'କାଚ ସହର', 'ଲେଡ଼ି ଟାର୍ଜନ', 'ସ୍ତ୍ରୀ ପ୍ରତି ସାବଧାନ', 'ସାପୁଆ କେଳା', 'ଘୁଙ୍ଗୁର ବାନ୍ଧିଲି ତୁମରି ପାଇଁ', 'ଛତା ଚିହ୍ନରେ ଭୋଟ୍ ଦିଅ', 'ସାବିଲୋ ତତେ ଯୋଗଣୀ ଖାଉ', 'ଜିନ୍ଦାବାଦ ଓଡ଼ିଶା', 'ଛାତିରେ ରହିଛି ରାତିର କଥା', 'ମୋ ଭାଇ ମୁଣ୍ଡରେ ସୁନା ମୁକୁଟ', 'ଡାଆଣୀ ଆଖି', 'ବାଲେଶ୍ୱର ବୋହୂ ବର୍ଷା' ଏବଂ ଆହୁରି ଅନେକ। ଚଳିତ ବର୍ଷ 'ଯାତ୍ରା ଇନ୍ଦ୍ରମହଲ'ରେ ସେ ଅଭିନୟ କରୁଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ବଡ଼ଲୋକକୁ ଉତ୍ତର ନାହିଁ' ଏବଂ 'ଗଙ୍ଗା ପାପ କଲେ ଧୋଇବ କିଏ'। ଖଳନାୟକ ଭୂମିକା ପାଇଁ କାହିଁକି ଆକର୍ଷିତ ହେଲେ ବୋଲି ପ୍ରଶ୍ନରେ ଏହି ଅଭିନେତା କହନ୍ତି, ଖଳନାୟକ ହିଁ ନାଟକକୁ ଗତିଶୀଳ କରାଏ। ତେଣୁ ବାସ୍ତବରେ ଖଳନାୟକ ହେଉଛି ନାଟକର ନାୟକ। ଦର୍ଶକଙ୍କଠୁ ତାଳି ନୁହେଁ ଗାଳି ଖାଇବାକୁ ପଡ଼େ। ତଥାପି ଖଳନାୟକ ଭୂମିକାରେ ଅଭିନୟ କରିବାରେ ମଜା ନିଶ୍ଚିତ ଭାବରେ ନିଆରା।

## ପ୍ରେମ ପାଇଁ...

ପ୍ରେମ ପାଇଁ ମଣିଷ ସବୁକିଛି କରିପାରେ। ଜୀବନ ବି ଦେଇପାରେ। ଏହା ସେମିତି ଗୋଟିଏ ଘଟଣା। ଅବଶ୍ୟ ଏଠାରେ ପ୍ରାଣ ଯାଇନାହିଁ। ଅଳ୍ପକେ ବର୍ତ୍ତୀ ଯାଇଛି। ଡି ପାଓ ନାମକ ଅଷ୍ଟ୍ରେଲିଆର ଜଣେ କିଶୋର ଜଣେ ବ୍ରିଟିଶ୍ କିଶୋରୀଙ୍କୁ ଭଲ ପାଉଥିଲେ। ବ୍ରିଟିଶ୍ କିଶୋରୀଙ୍କ ତରଫରୁ ତାଙ୍କ ପ୍ରତି ପ୍ରେମ ଅଛି କି ନାହିଁ ସେକଥା ଜାଣି ନ ଥିଲେ ଡି ପାଓ। ସେ କିନ୍ତୁ ନିଜ ତରଫରୁ ତାଙ୍କୁ ଭଲପାଇ ଚାଲୁଥିଲେ। ତାଙ୍କୁ ଇମ୍ପ୍ରେସ କରିବା ପାଇଁ ସବୁପ୍ରକାର ପ୍ରୟାସ କରୁଥିଲେ। ଦିନେ ନିଜର ସାଙ୍ଗମାନଙ୍କ ସହିତ ଡି ପାଓ ଯାଇଥାନ୍ତି ଜନ୍‌ସନ୍ ନଦୀ କୂଳକୁ। ସେଠାରେ ବି ଉପସ୍ଥିତ ଥାଆନ୍ତି ସେହି ଯୁବତୀ। ଯୁବକ ଜଣକ ନିଷ୍ପତ୍ତି ନେଲେ ଯେ, ଯୁବତୀଙ୍କୁ ଇମ୍ପ୍ରେସ୍ କରିବାର ଏଇ ହେଉଛି ଠିକ୍ ମଉକା। କାରଣ ଜନ୍‌ସନ୍ ନଦୀ ହେଉଛି ଲୁଣି ଜଳ କୁମ୍ଭୀରଙ୍କ ଘର। ସମସ୍ତେ ମନା କରୁ କରୁ ଡି ପାଓ ଯୁବତୀଙ୍କ ସାମ୍ନାକୁ ଯାଇ ତାଙ୍କୁ ଅନେଇ ଡେଇଁ ପଡ଼ିଲେ ନଦୀ ଭିତରକୁ। ଏହାପରେ ଘଟିଲା ଅସଲ ଘଟଣା। ଗୋଟିଏ ଚାରିଫୁଟ ଲମ୍ବର କୁମ୍ଭୀର ତାଙ୍କୁ ଆକ୍ରମଣ କରିଦେଲା। ଅବଶ୍ୟ ଲୋକମାନଙ୍କର କୋଳାହଳ ଯୋଗୁ କୁମ୍ଭୀର ଛାଡ଼ିଦେଲା ଡି ପାଓଙ୍କୁ। ହେଲେ ସେତେବେଳକୁ ବାମ ହାତଟିକୁ କ୍ଷତାକ୍ତ କରିସାରିଥିଲା। ଡି ପାଓଙ୍କୁ ତୁରନ୍ତ ଭର୍ତ୍ତି କରାଯାଇଥିଲା ଡାକ୍ତରଖାନାରେ।



ବ୍ୟାକ୍ ପେଜ୍






# ପତ୍ରରେ ନୂଆ ଜୀବନ

**ଗ**ଛରୁ ପତ୍ର ଝଡି ଯିବାପରେ ରହେନା ତା'ର ଅସ୍ତିତ୍ୱ। ଭୂମିରେ ବିଛେଇ ହୋଇ ରହେ। ଆଉ କିଛିଦିନ ପରେ ସେଇ ଭୂମିରେ କେଉଁଆଡେ ଲୀନ ହୋଇଯାଏ। କିନ୍ତୁ କାଜାଖସ୍ତାନର କନତ ନୁର୍ତାଜିନ୍ ନାମକ ଜଣେ କଳାକାର ସେଇ ପତ୍ରକୁ ନିଜ କାରିଗରିର ଯାଦୁରେ ଦେଉଛନ୍ତି ନୂଆ ଜୀବନ। ୪ ବର୍ଷ ପୂର୍ବେ ସେ '୧୦୦ ମେଥଡ୍ସ ଅଫ୍ ଡ୍ରଇଂ' ନାମକ ଏକ ପ୍ରୋଜେକ୍ଟ ଆରମ୍ଭ କରିଥିଲେ, ଯେଉଁଥିପାଇଁ ସେ ବିଭିନ୍ନ ଉପାୟରେ ନିଜ କଳାକୁ ପରଖିଥିଲେ। ଏହି ସମୟରେ ସେ ପତ୍ରକୁ କାଟି ସେଥିରେ ଚିତ୍ର କରିବାକୁ ଚେଷ୍ଟା କରିଥିଲେ। ଆଉ ସେଥିରେ ସଫଳ ବି ହେଲେ। କନତ ପାଲଟିଗଲେ ଲିଫ୍ କଟିଙ୍ଗ କଳାର ଜନକ। ପତ୍ରରେ ଚିତ୍ର କରି ତାକୁ ରେଜର୍‌ରେ କାଟି ସେ ବିଭିନ୍ନ କାହାଣୀକୁ ଉତାରିଲେ। ଆଉ ସେସବୁକୁ ଉଚିତ ସ୍ଥାନରେ ରଖି ଏଭଳି ଆଙ୍ଗେଲ୍‌ରୁ ଫଟୋ ଉଠାଇଲେ ଯେ, ତାହା ବାସ୍ତବ ଲାଗିଲା। କନତ ପରେ ଏହି ଚିତ୍ରିତ ପତ୍ରକୁ ମୋଟା କାର୍ଡ ବୋର୍ଡରେ ଅଠା ଲଗାଇ ସାଇତି ରଖନ୍ତି। ଯେମିତି କି ତାହା ଦୀର୍ଘଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିବ।









# ମିସ୍ ସନ୍‌ସାଇନ୍

**କି**ଏ ତାଙ୍କୁ କହେ 'ଦି ୟେଲୋ ଲେଡି' ତ ଆଉ କିଏ କହେ 'ମିସ୍ ସନ୍‌ସାଇନ୍'। କାରଣ ସେ ଏକ ହଳଦିଆ ରଙ୍ଗର ଦୁନିଆରେ ଜିଉଛନ୍ତି। ପୋଷାକଠୁ ଆରମ୍ଭ କରି ଗାଡି, ଆସବାବପତ୍ର, ଘର ସାଜସଜ୍ଜା ସାମଗ୍ରୀ ସବୁକିଛି ତାଙ୍କର ହଳଦିଆ ରଙ୍ଗର। ସେ ହେଉଛନ୍ତି ଲସ୍‌ଏଞ୍ଜେଲସ୍‌ର ୩୫ ବର୍ଷୀୟା ଇଲା ଲଣ୍ଡନ। ଗତ ୭ ବର୍ଷ ହେବ ହଳଦିଆ ରଙ୍ଗ ତାଙ୍କ ଦୁନିଆ ପାଲଟିଯାଇଛି। ହଳଦିଆ ରଙ୍ଗ ପାଇଁ ତାଙ୍କର ଭଲ ପାଇବା ଏକ ଘଟଣାରୁ ସୃଷ୍ଟି ହୋଇଥିଲା। ସେ ହେଉଛି–ଇଲାଙ୍କର ବିବାହ ନିର୍ଦ୍ଧାରିତ ହେବା ପରେ ସେ ଓ ତାଙ୍କ ବାଗଦତ୍ତା ଚାହିଁଥିଲେ ବିବାହକୁ ଏକ କଲର୍ ଥିମ୍‌ରେ କରିବା ପାଇଁ। ଧଳା, ଲାଲରଙ୍ଗ ତ ବିବାହରେ ବହୁଳ ବ୍ୟବହାର ହୁଏ। ଅନ୍ୟ ରଙ୍ଗର ବି ଊଣା ଅଧିକେ ବ୍ୟବହାର ହୋଇଥାଏ। ତେଣୁ କେଉଁ ରଙ୍ଗକୁ ବାଛିବେ ଦ୍ୱନ୍ଦ୍ୱରେ ପଡିଯାଇଥିଲେ। ଶେଷରେ ତାଙ୍କ ବାଗଦତ୍ତା ପରାମର୍ଶ ଦେଲେ ହଳଦିଆ ରଙ୍ଗକୁ ନେଲେ କେମିତି ହେବ। ଇଲାଙ୍କ ବାପାଙ୍କର ବି ଏହି ରଙ୍ଗ ବହୁତ ପସନ୍ଦ ଥିଲା। ଇଲାଙ୍କୁ ଯେତେବେଳେ ୪ ବର୍ଷ ବୟସ ହୋଇଥିଲା ତାଙ୍କ ବାପାଙ୍କର ଦେହାନ୍ତ ହୋଇଯାଇଥିଲା। ତେଣୁ ଇଲାଙ୍କୁ ହଳଦିଆ ରଙ୍ଗର ଯୋଜନା ଭଲ ଲାଗିଲା। ପରେ ଧୀରେ ଧୀରେ ଏହି ରଙ୍ଗ ଯେମିତି ତାଙ୍କ ଜୀବନର ଅଂଶ ପାଲଟିଗଲା। ପୋଷାକଠୁ ଆରମ୍ଭ କରି ଘରର ଛୋଟବଡ଼ ସବୁକିଛି ଜିନିଷକୁ ସେ ହଳଦିଆ ରଙ୍ଗରେ ରୂପାନ୍ତରିତ କରିବାକୁ ଲାଗିଲେ। ତାଙ୍କ ଟୟୋଟା ସିଓନ୍ ଏସ୍‌ବି କାର୍‌ର ରଙ୍ଗ ବି ହଳଦିଆ। ଏମିତି ଜୀବନ ବିତେଇ ସେ ପାଉଛନ୍ତି ଖୁସି। ତା'ସହ ସେ ଅନ୍ୟଙ୍କ ମୁହଁରେ ହସ ଫୁଟାଇବାକୁ ବି ସବୁବେଳେ ପ୍ରୟାସ କରିଥାଆନ୍ତି।



